## ସଂକ୍ଷେପରେ

### କାର୍ ଧକ୍କାରେ ଶ୍ରମିକଙ୍କ ମୃତ୍ୟୁ

କୋକସରା,୧୪।୨ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିବା ଜଣେ ଶ୍ରମିକଙ୍କ ଶୁକ୍ରବାର କାର୍ ଧକ୍କାରେ ମୃତ୍ୟୁ ଘଟିଛି। ସେ ହେଲେ ଛତିଶଗଡ଼ ରାଜ୍ୟ ଗରିଆବନ୍ଧ ଜିଲା ଦେଭୋଗ ଥାନା ଧରଣୀବାହାଲ ଗ୍ରାମର ରମେଶ ଠାକୁର (୩୨)। ସୂଚନାମତେ ରମେଶ ବିଶାଖାପାଟଣା ଦାଦନ ଖଟିବାକୁ ଯାଇ ସେଠାରୁ ଏକ ଯାତ୍ରୀବାହୀ ବସ୍‌ରେ ଫେରି ଆମପାଣି ବସ୍‌ଷ୍ଟାଣ୍ଡ ନିକଟରେ ଗାଁକୁ ଯିବା ପାଇଁ ଗାଡି ଅପେକ୍ଷାରେ ଥିଲେ। ଏହି ସମୟରେ ଏକ କାର୍ (ନଂ.ଓଡି୦୮ଓ୍ୱାଇ-୨୮୪୧) ଆସି ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ସହାୟତାରେ କୋକସରା ହସ୍ପିଟାଲକୁ ପଠାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଆମପାଣି ପୋଲିସ କାର୍ ଅଟକ ରଖି ଘଟଣାର ତଦନ୍ତ ଜାରି ରଖିଛି। ଏହାସହ କାର୍ ଚାଳକ ଓ ଅନ୍ୟ ଜଣେ ଲୋକଙ୍କୁ ପୋଲିସ ଥାନାରେ ଅଟକ ରଖିଛି। ଆମପାଣି ଥାନାରେ ଏ ନେଇ ଏକ ଦୁର୍ଘଟଣା ଜନିତ ମାମଲା (ନଂ.୧୦/୨୫) ରୁଜୁ ହୋଇଛି।

### କରଙ୍ଗାଭଟା ଜଙ୍ଗଲରେ ଲାଗିଲା ନିଆଁ

କୋମନା,୧୪।୨(ସୋବିନ ଛତ୍ରିଆ)

ନୂଆପଡ଼ା ଜିଲା କୋମନା ବ୍ଲକ୍ ଅନ୍ତର୍ଗତ କରଙ୍ଗାଭଟା ସଂରକ୍ଷିତ ଜଙ୍ଗଲରେ ଶୁକ୍ରବାର ପୂର୍ବାହ୍ନ ୧୦ଟା ସମୟରେ ହଠାତ୍ ନିଆଁ ଲାଗିଥିଲା। ଗଛଲତା ପୋଡ଼ିଯାଉଥିବା ଦେଖି ଗାଁ ଲୋକେ ଜଙ୍ଗଲ ବିଭାଗର ତରବୋଡ଼ ଫରେଷ୍ଟ ବିଟ୍‌କୁ ଖବର ଦେଇଥିଲେ। ତରବୋଡ଼ ଫରେଷ୍ଟ ବିଟ୍ କର୍ମଚାରୀ ମନୁ ସଗରିଆ, ଜଙ୍ଗଲ ଜଗୁଆଳି ରୁଦ୍ରମଣୀ ପରୁଆ, କପୁରଚନ ଶବର ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏମାନଙ୍କୁ କରଙ୍ଗାଭଟା ଗ୍ରାମର ନୀଳକଣ୍ଠ କେତକୀ, ସେଓ୍ୱାରାମ ନାଏକ ପ୍ରମୁଖ ସହଯୋଗ କରିଥିଲେ।

### ସିନାପାଲି ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ

ସିନାପାଲି,୧୪।୨ (ମନଫୁଲ ମେହେର)

ନୂଆପଡ଼ା ଜିଲା ସିନାପାଲି ଜଗନ୍ନାଥ ମନ୍ଦିରର ଦ୍ୱାଦଶ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଶୁକ୍ରବାରଠାରୁ ଶୁଭାରମ୍ଭ ହୋଇଛି। ଏହା ୫ଦିନ ଧରି ଅନୁଷ୍ଠିତ ହେବ। ପ୍ରତ୍ୟହ ପୂଜାର୍ଚ୍ଚନା ସହ ୯ କୁଣ୍ଡୀୟ ଘୃତଯଜ୍ଞ, ଜ୍ଞାନଯଜ୍ଞ ଓ ଅନ୍ନଯଜ୍ଞ ଚାଲୁଛି। ପ୍ରଥମ ଦିନର ମୁଖ୍ୟକର୍ତ୍ତା ଭାବରେ ବିଜୟ ମେହେର ଓ ମୋନାଲିସା ମେହେର ରହିଥିଲେ। ଯଜ୍ଞ କାର୍ଯ୍ୟକୁ ପୂର୍ଣ୍ଣଚନ୍ଦ୍ର ମେହେର, ଅର୍ଜୁନ ବାଗ, କେଶବ ମେହେର, ସନ୍ତୋଷ କୁମାର ନାୟକଙ୍କ ସହ ଗାୟତ୍ରୀ ଶକ୍ତିପୀଠର କର୍ମକର୍ତ୍ତା ପରିଚାଳନା କରୁଥିବା ବେଳେ ମୁଖ୍ୟ ପୂଜକ ଭାବରେ ପ୍ରମୋଦ ଯୋଷୀ ଓ ସୁଭମ ପାଢୀ ରହିଛନ୍ତି। ଜ୍ଞାନଯଜ୍ଞର ମୁଖ୍ୟ ପ୍ରବଚିକା ଭାବରେ ଶ୍ରୀକ୍ଷେତ୍ର ପୁରୀର ସରୋଜିନୀ ଦେବୀ ଯୋଗଦାନ କରିଛନ୍ତି। ମନ୍ଦିର ପରିଚାଳନା କମିଟି ସଭାପତି ଆଇନଜୀବୀ ବୈଶମ୍ପାୟନ ମେହେରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଉଦ୍‌ଯାପନୀ ଦିବସରେ ଭୋଗଦାତା ଓ ଆଜୀବନ ସଦସ୍ୟଙ୍କୁ ନେଇ ଏକ ବାର୍ଷିକ ବୈଠକ ହେବ ବୋଲି କମିଟି ସମ୍ପାଦକ ତୁଳସୀରାମ ମେହେର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ୨୦୧୩ରେ ପୁରୀ ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ କରକମଳରେ ଏହି ଜଗନ୍ନାଥ ମନ୍ଦିରର ଉଦ୍‌ଘାଟନ ହୋଇ ସେହି ଦିନଠାରୁ ଶ୍ରୀକ୍ଷେତ୍ର ରୀତିନୀତି ଅନୁଯାୟୀ ପ୍ରଭୁଙ୍କ ସମସ୍ତ କାର୍ଯ୍ୟ ସମ୍ପାଦନ କରାଯାଇଆସୁଛି।

# ଆର୍‌ଏମ୍‌ସି ଗୋଦାମରେ ଚାଲିଛି ଉପଜିଲାପାଳଙ୍କ ଅଫିସ



ଉପଜିଲାପାଳଙ୍କ କାର୍ଯ୍ୟାଳୟ ଚାଲୁଥିବା ଆର୍‌ଏମ୍‌ସି ଗୋଦାମ ଗୃହ।

## ନୂତନ ପାଇଁ ପୁରୁଣା ଭଙ୍ଗାଗଲା

### ଖର୍ଚ୍ଚାନ୍ତ ହେଉଛନ୍ତି ଲୋକେ, ଅଟୋରେ ଗଲେ ପଡୁଛି ୩ ଶହ

ଭବାନୀପାଟଣା,୧୪।୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସହରର ମଧ୍ୟ ଭାଗରେ ଥିବା ଉପଜିଲାପାଳଙ୍କ କାର୍ଯ୍ୟାଳୟ ଦୀର୍ଘଦିନ ହେବ ବିପଦସଙ୍କୁଳ ଅବସ୍ଥାରେ ରହିଥିଲା। ଏହି କାର୍ଯ୍ୟାଳୟର ନୂତନ କୋଠା ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ସାଢେ ୬ କୋଟି ଟଙ୍କା ଅନୁଦାନ ଆସିବା ପରେ ଗତ ମାସରେ କୋଠାକୁ ଭାଙ୍ଗି ଦିଆଯାଇଛି। ଫଳରେ ଉପଜିଲାପାଳଙ୍କ ଅଫିସ ପୁରୁଣା କାର୍ଯ୍ୟାଳୟଠାରୁ ପ୍ରାୟ ୬କି.ମି. ଦୂର ମେଦିନୀପୁରସ୍ଥିତ ଆର୍‌ଏମ୍‌ସି ଗୋଦାମ ଗୃହକୁ ସ୍ଥାନାନ୍ତରିତ ହୋଇଛି। ନୂତନ କୋଠା ନିର୍ମାଣ ନ ହେଲା ଯାଏ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆର୍‌ଏମ୍‌ସି ଗୋଦାମ ଗୃହରେ ଚାଲିବ ବୋଲି ଜଣାପଡିଛି।

ପ୍ରକାଶ ଯେ, ଭବାନୀପାଟଣା ଉପଜିଲାପାଳଙ୍କ କାର୍ଯ୍ୟାଳୟ ଅଧୀନରେ ଭବାନୀପାଟଣା ବ୍ଲକ ସମେତ କେସିଙ୍ଗା, କର୍ଲାମୁଣ୍ଡା, ଏମ୍ ରାମପୁର, ନର୍ଲା, ଲାଞ୍ଜିଗଡ ଓ ଥୁଆମୂଳ ରାମପୁର ଆଦି ୭ ବ୍ଲକ ରହିଛି। ଜିଲାର ଉପାନ୍ତ ଅଞ୍ଚଳରୂପେ ଥିବା ଲାଞ୍ଜିଗଡ, ଥୁଆମୂଳ ରାମପୁର ସମେତ ଏମ୍ ରାମପୁର ବ୍ଲକର କିଛି ଆଭ୍ୟନ୍ତରୀଣ ଅଞ୍ଚଳରୁ ଲୋକମାନେ ବିଭିନ୍ନ ସମୟରେ ଜରୁରୀ କାର୍ଯ୍ୟରେ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥାନ୍ତି। ଭବାନୀପାଟଣା ବସ୍‌ଷ୍ଟାଣ୍ଡରୁ ବର୍ତ୍ତମାନର ଅସ୍ଥାୟୀ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଯିବାକୁ ହେଲେ ଅଟୋ ଭଡ଼ା ୩୦୦ଟଙ୍କା ଦେବାକୁ ପଡୁଥିବା ଗ୍ରାମାଞ୍ଚଳରୁ ଆସୁଥିବା ଲୋକମାନେ କହିଛନ୍ତି। ଅନେକ ଲୋକ ବର୍ତ୍ତମାନ ଏହି କାର୍ଯ୍ୟାଳୟ ଏଠାରେ ଚାଲିଥିବା ମଧ୍ୟ ଜାଣିନାହାନ୍ତି। ବିଶେଷ କରି ଜମିଜମା ସଂକ୍ରାନ୍ତୀୟ ମାମଲାଗୁଡିକ ଅଟକି ରହିଛି। ଉପଜିଲାପାଳ ସେହି ଗୋଦାମ ଘରେ ହିଁ କୋର୍ଟ କରୁଥିବାବେଳେ ଆଇନଜୀବୀମାନେ ସହରଠାରୁ ଦୂରକୁ ଯାଇ କାର୍ଯ୍ୟ ସମ୍ପାଦନ କରିବା କଷ୍ଟକର ବ୍ୟାପାର ବୋଲି ପ୍ରକାଶ କରିଛନ୍ତି। ଏହାକୁ ନେଇ ଗତ ଜାନୁଆରୀ ମାସରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ମଧ୍ୟ ଏକ ଲିଖିତ ଅଭିଯୋଗ ଦେଇଥିଲେ। ବର୍ତ୍ତମାନ ଏହି କାର୍ଯ୍ୟାଳୟକୁ ଯାଉଥିବା ସାଧାରଣ ଲୋକଙ୍କଠାରୁ ଆରମ୍ଭକରି କର୍ମଚାରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗୋଟିଏ ଘରେ ଛୋଟ କ୍ୟାବିନରେ ଗୋଦାମକୁ ଭାଗ କରାଯାଇଛି। ପରଦା ଟାଙ୍ଗି କର୍ମଚାରୀମାନେ କାମ ତୁଲାଉଛନ୍ତି। ଉପଜିଲାପାଳଙ୍କୁ ବାଦ ଦେଲେ ଜଣେ ଡେପୁଟି କଲେକ୍ଟର,୩ଜଣ ଆସିଷ୍ଟାଣ୍ଟ କଲେକ୍ଟର, ସହ ଯୋଗାଣ ଅଧିକାରୀ, ଏଡ଼ିଡ଼ବ୍ଲ୍ୟୁଓ, ଉପଖଣ୍ଡ ପଞ୍ଚାୟତ ଅଧିକାରୀ, ସ୍ମଲ ସେଭିଙ୍ଗ ଅଫିସର ଓ ଉପସାମାଜିକ ସୁରକ୍ଷା ଅଧିକାରୀଙ୍କ ବ୍ୟତୀତ ସେକ୍ସନ ଅଫିସର, ପ୍ରୋଗ୍ରାମ ଅଫିସର, ବରିଷ୍ଠ କିରାଣୀ କନିଷ୍ଠ କିରାଣୀ, ଷ୍ଟେନୋ ପ୍ରମୁଖ ଗୋଟିଏ ଟିଣ ଚାଦର ଛାତ ତଳେ ରହିଛନ୍ତି। ଆଗକୁ ପ୍ରବଳ ଗ୍ରୀଷ୍ମ ପ୍ରବାହରେ ହନ୍ତସନ୍ତ ହେବାକୁ ସମସ୍ତେ ବାଧ୍ୟ। ଆଖପାଖରେ ଦୋକାନ ନ ଥିବାରୁ କର୍ମଚାରୀମାନେ ଖାଇବା ସାମଗ୍ରୀ ସାଙ୍ଗରେ ନେଇଯିବାକୁ ହେଉଛି। କର୍ମଚାରୀମାନେ ତ ଯିବା ଜରୁରୀ, କିନ୍ତୁ ସାଧାରଣ ଲୋକଙ୍କ ପାଇଁ ଏହି କାର୍ଯ୍ୟାଳୟ ସମସ୍ୟାର କାରଣ ପାଲଟିଛି। ଏ ନେଇ ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡାଙ୍କୁ ପଚାରିବାରୁ ସହର ଭିତରେ କାର୍ଯ୍ୟାଳୟ ପାଇଁ ସ୍ଥାନ ମିଳିଲା ନାହିଁ। ତେଣୁ ଅନ୍ୟ କିଛି ବିକଳ୍ପ ନ ଥିବାରୁ ଏଠାରେ କାର୍ଯ୍ୟାଳୟ କରାଯାଇଛି ବୋଲି କହିଥିଲେ।

# ଯାତ୍ରୀ ପ୍ରତୀକ୍ଷାଳୟ ବିପଦପୂର୍ଣ୍ଣ


ଭାଙ୍ଗିରୁଜି ଯାଇଥିବା ଯାତ୍ରୀ ପ୍ରତୀକ୍ଷାଳୟ।

ଖଡ଼ିଆଳ,୧୪।୨ (ସୁଜିତ କୁମାର ପ୍ରଧାନ)

୩୫୩ ନଂ. ଜାତୀୟ ରାଜପଥର ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ ସାନମହେଶ୍ୱର ପଞ୍ଚାୟତର ବଡ଼ମହେଶ୍ୱର ଛକରେ ଥିବା ଯାତ୍ରୀ ପ୍ରତୀକ୍ଷାଳୟ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଆଖପାଖ ଅଞ୍ଚଳର ୧୦ ଗ୍ରାମର ଲୋକେ ଏହି ପ୍ରତୀକ୍ଷାଳୟ ଉପରେ ନିର୍ଭର କରିଥାନ୍ତି। ପ୍ରତ୍ୟେକ ଦିନ ସ୍ଥାନୀୟ ଲୋକେ ଓ କଲେଜ ଛାତ୍ରୀଛାତ୍ର ବସ୍‌ରେ ଯିବା ପାଇଁ ଏହି ପ୍ରତୀକ୍ଷାଳୟରେ ଅପେକ୍ଷା କରିଥାନ୍ତି। ଯାତ୍ରୀ ପ୍ରତୀକ୍ଷାଳୟ ୧୯୯୫ ମସିହାରେ ନିର୍ମାଣ ହୋଇଥିବା ବେଳେ ବର୍ତ୍ତମାନ ଛାତ ଓ କାନ୍ଥରୁ ସିମେଣ୍ଟ ଅତଡ଼ା ଖସି ଲୁହାଛଡ଼ ଦିଶୁଛି। କାନ୍ଥରେ ଫାଟ ସୃଷ୍ଟିହୋଇ ଭାଙ୍ଗିବା ଅବସ୍ଥାରେ ରହିଛି। କେତେବେଳେ ଯେ ଅଘଟଣ ଘଟିବ ତାହା କହିହେବ ନାହିଁ। ଏ ନେଇ ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧିଙ୍କ ନିକଟରେ ଅଭିଯୋଗ ହୋଇଆସୁଥିଲେ ମଧ୍ୟ ସମସ୍ତେ ନୂତନ ପ୍ରତୀକ୍ଷାଳୟ ନିର୍ମାଣ କରାଯିବ ବୋଲି କେବଳ ପ୍ରତିଶ୍ରୁତି ଦେଉଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ତୁରନ୍ତ ନୂତନ ପ୍ରତୀକ୍ଷାଳୟ ନିର୍ମାଣକରି ସ୍ଥାନୀୟ ଲୋକଙ୍କୁ ସୁବିଧା ଯୋଗାଇଦେବାକୁ ଦାବି ହେଉଛି।

# ବ୍ଲକ୍‌ସ୍ତରୀୟ ପରାମର୍ଶ ଶିବିର


ଶିବିରରେ ଯୋଗଦେଇଥିବା ପ୍ରାର୍ଥୀ ଓ ପ୍ରାର୍ଥିନୀ।

ଥୁଆମୂଳ ରାମପୁର,୧୪।୨ (ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା କର୍ମନିୟୋଜନ ବିଭାଗ ଆନୁକୂଲ୍ୟରେ ଥୁଆମୂଳ ରାମପୁର ବ୍ଲକ୍‌ଠାରେ ଶୁକ୍ରବାର ବ୍ଲକ୍‌ସ୍ତରୀୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧ୍ରୁବଚରଣ ମୁଦୁଲିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଜିଲା କର୍ମନିୟୋଜନ ଅଧିକାରୀ ସୁବୁଲିତ ସାମନ୍ତରାଏ, ବ୍ଲକ୍ ଅଧ୍ୟକ୍ଷ ଦୟାନିଧି ମାଝୀ, ସ୍ଥାନୀୟ ସମିତି ସଭ୍ୟା ପୁଷ୍ପାଞ୍ଜଳି ନାଏକ, ଓଏଲ୍‌ଏମ୍ ବିପିଏମ୍ ସୌମ୍ୟରଞ୍ଜନ ମହାପାତ୍ର, ବିଏଲ୍‌ସି ଦୀପକ ପ୍ରମୁଖ ଉପସ୍ଥିତ ରହିଥିଲେ। ଏଥିରେ ୧୦ଟି ବିଭିନ୍ନ ତାଲିମ କେନ୍ଦ୍ରର କର୍ମକର୍ତ୍ତା ଯୋଗଦେଇ ୮୦ ଜଣ ପ୍ରାର୍ଥୀ ଓ ପ୍ରାର୍ଥିନୀଙ୍କ ନାମ ପଞ୍ଜୀକରଣ କରିଥିବା ଜଣାପଡ଼ିଛି। ଶିବିରରେ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ମିଶନ ଶକ୍ତି ସମସ୍ତ ବିଏଲ୍‌ଏଫ୍ ସଭାପତି ଓ ସମ୍ପାଦକ, ସମନ୍ୱିତ ଶିଶୁ ବିକାଶ ଯୋଜନାର ସମସ୍ତ ମହିଳା ପରିଦର୍ଶିକା, ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ।

# ଟ୍ରାକ୍ଟରକୁ ଧକ୍କାଦେଲା ମାଲବାହୀ ଟ୍ରେନ୍



ଟ୍ରାକ୍ଟରକୁ ଧକ୍କାଦେଇଥିବା ଟ୍ରେନ୍।

ଲାଞ୍ଜିଗଡ଼,୧୪।୨(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ୍ ଯୋଡ଼ାବନ୍ଧ ନିକଟ ବେଦାନ୍ତ ରେଳ ଫାଟକରେ ଏକ ଟ୍ରାକ୍ଟରକୁ ମାଲବାହୀ ଟ୍ରେନ୍ ଧକ୍କା ଦେବାରୁ ଟ୍ରାକ୍ଟରରେ ବସି ଧାନ ଆଣିବାକୁ ଯାଉଥିବା ଶ୍ୟାମସୁନ୍ଦର ପଧାନ ଗୁରୁତର ହୋଇଛନ୍ତି। ସୂଚନାନୁସାରେ ଯୋଡ଼ାବନ୍ଧରୁ ଗୋପୀନାଥପୁରକୁ ସଂଯୋଗ କରୁଥିବା ରେଲୱେ କ୍ରସିଂରେ ଶୁକ୍ରବାର ସକାଳୁ ଗୋପୀନାଥପୁର ଗାଁର କ୍ଷେତ୍ର ପ୍ରଧାନୀଙ୍କ ଟ୍ରାକ୍ଟର ଧାନ ଆଣିବା ପାଇଁ ଚମ୍ପାଦେଇପୁରକୁ ଆସୁଥିଲା। ଏହି ସମୟରେ ରେଲୱେ କ୍ରସିଂରେ ହଠାତ୍

### ଓଭରବ୍ରିଜ୍ ନିର୍ମାଣ ଦାବି

ବେଦାନ୍ତ କମ୍ପାନୀର ମାଲବାହୀ ଟ୍ରେନ୍ ଟ୍ରାକ୍ଟରକୁ ଧକ୍କାଦେଇଥିଲା। ଫଳରେ ଗାଡ଼ିରେ ଥିବା ଶ୍ୟାମସୁନ୍ଦର ଛିଟିକିପଡ଼ିବାରୁ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାରକରି ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିଲେ। ସୂଚନା ଥାଉକି ପୂର୍ବତଟ ରେଳପଥ ଅଧୀନ ସମ୍ବଲପୁର ଡିଭିଜନର ଏକ ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେଶନ ଭାବେ ରାୟଗଡା ଜିଲା ଅମ୍ବାଦଳା ରେଳ ଜଙ୍କ୍‌ସନ ପରିଚିତ। ୨୦୦୪ରେ ଲାଞ୍ଜିଗଡ଼ଠାରେ ବେଦାନ୍ତ ଆଲୁମିନା ଲିମିଟେଡ୍ ସ୍ଥାପନ ହେବା ପରେ ୨୦୧୦ରେ ଅମ୍ବାଦଳା ରେଳ ଷ୍ଟେଶନରୁ ବେଦାନ୍ତ କମ୍ପାନୀକୁ ପ୍ରାୟ ୨୦ କି.ମି. ଦୂର ରେଳଲାଇନ ସଂଯୋଗ ହୋଇଛି। ଏହି ଲାଇନ ଦେଇ ଲାଞ୍ଜିଗଡ଼ ବେଦାନ୍ତ କାରଖାନାକୁ ଦୈନିକ ମାଲ ପରିବହନ ପାଇଁ ମାଲବାହୀ ରେଳ ଯାତାୟାତ କରୁଛି। ହେଲେ ଅଧିକାଂଶ ଗାଁରେ ଲାଇନ କ୍ରସିଂରେ ସୁରକ୍ଷା ବ୍ୟବସ୍ଥା କିମ୍ବା ଫାଟକ ନାହିଁ। ଘଟଣା ସ୍ଥଳକୁ ବେଦାନ୍ତ କର୍ମଚାରୀ ଆସି ଲୋକଙ୍କ ସହ ଆଲୋଚନା କରୁଥିବାବେଳେ ଲୋକେ କ୍ଷତିପୂରଣ ସହ ଓଭରବ୍ରିଜ୍ ଯଥାଶୀଘ୍ର ନିର୍ମାଣ କରିବା ପାଇଁ ଦାବି ରଖିଛନ୍ତି।

# ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବୋଡ଼େନ,୧୪।୨ (ଟିକେଶ୍ୱର ନାଗ)

ନୂଆପଡ଼ା ଜିଲା ବୋଡ଼େନ ବ୍ଲକ୍ ଫରସରା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶ୍ୟାମସୁନ୍ଦର ଦଣ୍ଡସେନାଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ବୋଡ଼େନ ବିଡିଓ ସୁଶାନ୍ତ କୁମାର ରଣା ମୁଖ୍ୟ ଅତିଥି, ବିଜୁ ପଟ୍ଟନାୟକ ଉଚ୍ଚ ବିଦ୍ୟାଳୟ ଇତିହାସ ଅଧ୍ୟାପକ ଗୟାଧର ମହାନ୍ତି ମୁଖ୍ୟବକ୍ତା, ଜିଲା ଶିକ୍ଷାଧିକାରୀ ଉଦୟସିଂହ ମାଝୀ ବିଶିଷ୍ଟ ଅତିଥି, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସଞ୍ଜୟ କୁମାର ଭୋଇ, ପଲସଦା ସେବାଶ୍ରମ ପ୍ରଧାନ ଶିକ୍ଷୟିତ୍ରୀ ଝରାମନି ଦେଇ, ସମିତି ସଭ୍ୟା ବାଳିକା ମାଝୀ, ସରପଞ୍ଚ ସରିତା ନିଆଲ, ବିଦ୍ୟାଳୟ କମିଟି ସଭାପତି ସୋଭରାମ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅତିଥିମାନେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷକ ଗଣେଶ ମେହେର ମଞ୍ଚ ପରିଚାଳନା କରିଥିବା ବେଳେ ବନମାଳୀ ବେମାଲ ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

# ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ନୂଆପଡ଼ା,୧୪।୨ (ମକାରୁ ବେମାଲ)

ନୂଆପଡ଼ା ସଦର ବ୍ଲକ ଜମାପନି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଆୟୋଜିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ବାଗଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ସହଗୋଷ୍ଠୀ ଶିକ୍ଷା ଅଧିକାରୀ ଚୈତ ରାମ ନାଏକ ମୁଖ୍ୟ ଅତିଥି, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଚିଚିରିପାନି ପ୍ରଶାନ୍ତ ନାଥ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅଁଳାପୁବା ଶରତ ପଣ୍ଡା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଛନ୍ଦା ଚରଣ ପ୍ରଧାନ, କୁଲିଆବନ୍ଧା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସମୀର କୁମାର ବେହେରା, ଗ୍ରାମର ଆଲୁମ୍ନି ସଭାପତି ଭୋଜରାଜ ନାଏକ, ଜାମପାଣି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭୁଞ୍ଜରାଜ ହଂସ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ପ୍ରକୃତି ବନ୍ଧୁ ପୁରସ୍କାରପ୍ରାପ୍ତ ଓ ନିୟମିତ ରକ୍ତଦାତା ଶିକ୍ଷକ କିଶୋର କୁମାର ପରିଡ଼ା ମୁଖ୍ୟ ବକ୍ତା ଭାବରେ ଯୋଗଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସେହିପରି ବୃତ୍ତି ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀ ଅର୍ଚ୍ଚିତା ନାଏକ ଓ ବିଦ୍ୟାଳୟର ଶ୍ରେଷ୍ଠ ଛାତ୍ରୀ ଭାବରେ ହେମଲତା ମାଝୀଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀ ଶିକ୍ଷକ ଦେଓଲାଲ ଦଣ୍ଡସେନା ମଞ୍ଚ ପରିଚାଳନା କରିଥିଲେ। ପରିଶେଷରେ ବିଦ୍ୟାଳୟ ଶିକ୍ଷକ ଜନକି ଲାଲ ଜଗତ ଧନ୍ୟବାଦ ଅର୍ପଣ କରିଥିଲେ।

# ପୌରକେଲାରେ କ୍ଷୁଦ୍ର ଖାଦ୍ୟଶସ୍ୟ ମେଳା

କର୍ଲାମୁଣ୍ଡା,୧୪।୨(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ପୌରକେଲା ପଞ୍ଚାୟତ ବିଆର୍ ଆମ୍ବେଡକର ଉଚ୍ଚ ବିଦ୍ୟାଳୟ ଠାରେ ଶୁକ୍ରବାର ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ସୋସାଇଟି ପକ୍ଷରୁ ଦୁଇଦିନିଆ ଖାଦ୍ୟଶସ୍ୟ ମେଳା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କର୍ଲାମୁଣ୍ଡା ବ୍ଲକ କୃଷି ଅଧିକାରୀ ଜିତେନ୍ଦ୍ର କୁମାର ସିଂ, ସମ୍ମାନିତ ଅତିଥି ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରୋହିତ ରଣା, ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀବତ୍ସ ରଣା, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶରତ ବାରିକ, ଅଗ୍ରଣୀ ଚାଷୀ ଉଗ୍ରସେନ ଧାରୁଆ, ଶ୍ରୀଅନ୍ନ ଅଭିଯାନ ପ୍ରକଳ୍ପ ବିପିସି ଜଗଦୀଶ ପ୍ରସାଦ ରଣା ପ୍ରମୁଖ ଯୋଗ ଦେଇ ସରକାରଙ୍କ ମିଲେଟ ମିଶନ ଯୋଜନା ତଥା ମାଣ୍ଡିଆକୁ ଦୈନନ୍ଦିନ ଜୀବନରେ ଖାଦ୍ୟ ରୂପେ ଗ୍ରହଣ କରିବାର ଆବଶ୍ୟକତା ଉପରେ ଆଲୋଚନା କରିବା ସହ ପ୍ରଦର୍ଶନୀକୁ ବୁଲି ଦେଖିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ସିଆର୍‌ପି ଧୁରାବନ ବାଗ, ଭାନୁମତି ପ୍ରଧାନ, ପ୍ରବୀଣ ଭୋଇ, ଆକାଉଣ୍ଟାଣ୍ଟ ଦେବାଶିଷ ନାଗଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଓଡିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସହାୟତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଜଗନ୍ନାଥ ମନ୍ଦିରର ପ୍ରଥମ ବାର୍ଷିକ ମହୋତ୍ସବ


ମହୋତ୍ସବ ଅବସରରେ ମନ୍ଦିରରେ ପୂଜାର୍ଚ୍ଚନା କରାଯାଉଛି।

ଲାଞ୍ଜିଗଡ଼, ୧୪।୨(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ୍‌ର ବୈକୁଣ୍ଠପୁରୀଠାରେ ନିର୍ମିତ ଜଗନ୍ନାଥ ମନ୍ଦିରର ପ୍ରଥମ ବାର୍ଷିକ ମହୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳ ୮ଘଣ୍ଟା ସମୟରୁ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ଅପରାହ୍ନ ୧ଟା ସମୟରେ ପୂଜାକାର୍ଯ୍ୟ ଶେଷ ହୋଇଥିବାବେଳେ ଅଞ୍ଚଳର ହଜାର ସଂଖ୍ୟାରେ ଭକ୍ତ ଯୋଗଦେଇଥିଲେ। କର୍ତ୍ତା ଭାବେ ଚନ୍ଦ୍ରଧ୍ୱଜ ପେଶନିଆ ଓ ଶାନ୍ତିଲତା ପେଶନିଆ, ଶରତ ଚନ୍ଦ୍ର ସିଂ ଓ ସବିତା ସିଂ ଏବଂ ସୁବାସ ଚନ୍ଦ୍ର ଅଗ୍ରୱାଲ ଓ ପିଙ୍କିବାଇ ଅଗ୍ରୱାଲ କାର୍ଯ୍ୟ ସମ୍ପାଦନ କରିଥିଲେ। ମୁଖ୍ୟ ପୁରୋହିତ ଭାବେ ଅନନ୍ତ ଚରଣ ରଥ ପୂଜାକାର୍ଯ୍ୟ କରୁଥିବା ବେଳେ ପୂଜକ ଭାବେ ସୁନୀଲ କୁମାର ମିଶ୍ର, ଦାମୋଦର ରଥ କାର୍ଯ୍ୟ ତୁଲାଇଥିଲେ। ଏଥିରେ ଲାଞ୍ଜିଗଡ଼ ଶ୍ରୀ ହରିହର ସାଂସ୍କୃତିକ ସେବା ସମିତି ସଭାପତି ରାଜେନ୍ଦ୍ର ପ୍ରତାପ ସିଂଦେଓ, ସମ୍ପାଦକ କାମରାଜ ଦଳବେହେରା ପ୍ରମୁଖ ସହଯୋଗ କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃପିତୃ ଦିବସ

କୋକସରା,୧୪।୨
(ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ମୋଟେର ପଞ୍ଚାୟତ କୁସୁମଖୁଣ୍ଟିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶୁକ୍ରବାର ମାତୃପିତୃ ଦିବସ ପାଳିତ ହୋଇଯାଇଛି। ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଦେବାନନ୍ଦ ରାଉତଙ୍କ ସଭାପତିତ୍ୱରେ କମିଟି ସଭାପତି ବୃନ୍ଦାବନ ପୂଜାରୀ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଉପସଭାପତି ପରମେଶ୍ୱର ବାଗ, ଭୁବନେଶ୍ୱର ନାଏକ, ବିକାଶ ପଟ୍ଟନାୟକ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ଦେବାନନ୍ଦ ରାଉତ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଗୁରୁଜୀ ଉତ୍ତମ ପଣ୍ଡା ଓ ପରମାନନ୍ଦ ବେମାଲ ମଞ୍ଚ ସଂଯୋଜନା କରିଥିଲେ। ବିଦ୍ୟାମନ୍ଦିରର ଗୁରୁଜୀ ମୁରଲୀଧର ପଟ୍ଟନାୟକ, ଦୁଷ୍ମନ୍ତ ପୂଜାରି, ଭିକାରୀ ଚରଣ ବିଶି, ସନ୍ଧ୍ୟାରାଣୀ ମହାରଣା, ମୀନାକ୍ଷୀ ନାଗ, ସ୍ନିଗ୍ଧା ଭଞ୍ଜ ପ୍ରମୁଖ ସହଯୋଗ କରିଥିଲେ।

## ଅବଧି ପରେ ବି ସରୁନି କାମ

# ପାନୀୟଜଳ ପାଇଁ ଲୋକେ ହନ୍ତସନ୍ତ

ଥୁଆମୂଳ ରାମପୁର,୧୪।୨(ଦୁର୍ଗା କୀର୍ତ୍ତି)

ସରକାର ଲୋକମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ବିଭିନ୍ନ ଯୋଜନା ହାତକୁ ନେଇଛନ୍ତି। ଏଥିମଧ୍ୟରେ ବସୁଧା ଯୋଜନା ଅନ୍ୟତମ। କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ୍‌ର ୨୪ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଏହି ଯୋଜନା କାର୍ଯ୍ୟ କରୁଛି। ଏଥିପାଇଁ ରାଜକୋଷରୁ ବହୁ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ ଠିକାଦାରଙ୍କ ମନମୁଖି କାର୍ଯ୍ୟ ଯୋଗୁ ଅବଧି ଶେଷ ପରେ ବି କାମ ସରୁନାହିଁ। ଫଳରେ ପାନୀୟ ଜଳ ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି।

ପ୍ରକାଶ ଯେ, ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଯୋଜନା କାର୍ଯ୍ୟକାରୀ ପାଇଁ ଠିକାଦାରଙ୍କୁ ଇ-ଟେଣ୍ଡର ଜରିଆରେ କାର୍ଯ୍ୟାଦେଶ ଦିଆଯାଇଛି। ଏଥିରେ ବୋର୍‌ୱେଲ ଖନନ, ପମ୍ପ ହାଉସ ନିର୍ମାଣ,


ପ୍ରକଳ୍ପ କାମ ଅଧାପନ୍ତରିଆ।

ଓଭରହେଡ୍ ଟାଙ୍କି ନିର୍ମାଣ, ମାଟିତଳେ ପାଇପ ବିଛାଇବା, ପ୍ରତ୍ୟେକଙ୍କ ଘର ସାମ୍ନାରେ ଷ୍ଟାଣ୍ଡପୋଷ୍ଟ ନିର୍ମାଣ ଆଦି ରହିଛି। ହେଲେ ବ୍ଲକ୍‌ର ଅନେକ ପଞ୍ଚାୟତରେ କେଉଁଠି ଓଭରହେଡ୍ ଟାଙ୍କି ନିର୍ମାଣ ଶେଷ ହୋଇ ନ ଥିବାବେଳେ କେଉଁଠି ନିମ୍ନମାନର ପାଇପ ବିଛାଯାଇଥିବାରୁ ତାହା ଫାଟିଯାଉଛି। ପୁଣି କେଉଁଠି ଓଭରହେଡ୍ ଟାଙ୍କି ନିର୍ମାଣ ଓ ପାଇପ ବିଛା କାମ ଶେଷ ହୋଇଥିଲେ ବି ପାଣି ଯୋଗାଣ ହୋଇପାରିନାହିଁ। ସିନ୍ଧିପଦର ପଞ୍ଚାୟତର ନିଚେମସ୍କା, କନ୍ଦାଝିପି, ପଲସାପଡା, ପୋଇଗୁଡା, ସମାପଲା ଆଦି ଗ୍ରାମରେ ଓଭରହେଡ୍ ଟାଙ୍କି ନିର୍ମାଣ ଅବଧି ଶେଷ ହୋଇ ୨/୩ବର୍ଷ ଅତିକ୍ରାନ୍ତ କରିସାରିଥିଲେ ମଧ୍ୟ ମାତ୍ର ୫୦% କାମ ସରିଛି। ଏ ନେଇ ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ୍ୟ କେହି ଶୁଣୁ ନ ଥିବା ପ୍ରକାଶ କରିଛନ୍ତି ଉକ୍ତ ଗ୍ରାମବାସୀ। ଏ ସମ୍ପର୍କରେ ଜଳ ଓ ପରିମଳ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ମନ୍ମଥ ମୁର୍ମୁଙ୍କୁ ପଚାରିଲେ ଜିଲାସ୍ତରୀୟ ବୈଠକରେ ବାରମ୍ବାର ଜିଲାପାଳ ଉକ୍ତ ଠିକାସଂସ୍ଥାକୁ ତାଗିଦ କରୁଛନ୍ତି। ହେଲେ ଜିଲାପାଳଙ୍କ କଥାକୁ ସେମାନେ ବେଖାତିର କରୁଛନ୍ତି ବୋଲି ସେ କହିଛନ୍ତି। ଜିଲା ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ଚଣ୍ଡୀଭଟାରେ ଚବିଶ ପ୍ରହରୀ ନାମଯଜ୍ଞ ସମ୍ପନ୍ନ

ଝାରବନ୍ଧ,୧୪।୨(ଦେବେନ୍ଦ୍ର ସାହୁ)

ଝାରବନ୍ଧ ବ୍ଲକ ଚଣ୍ଡୀଭଟାଠାରେ ଚବିଶ ପ୍ରହରୀ ନାମ ଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ପଣ୍ଡିତ ନେହେରୁ ମହାପାତ୍ରଙ୍କ ପରୋହିତ୍ୟରେ ଅନୁଷ୍ଠିତ ଏହି ନାମଯଜ୍ଞରେ ମନୋଜ ନାୟକ ଓ ତାଙ୍କ ସ୍ତ୍ରୀ ଜନନୀ ନାୟକ ସପତ୍ନୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଝାରବନ୍ଧ, ଚଣ୍ଡୀଭଟା, ଝର, ଗୌଡ଼ମାଳ, ଜଡ଼ାମୁଣ୍ଡା, ଡୁଙ୍ଗୁରିପାଲି, ଖରସିବାଞ୍ଜି, ଠେଲାକୋଡ଼ୁବୁରୀ ଦଳ ଅଂଶ ଗ୍ରହଣ କରିଥିଲେ। ଏଥିରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଅଂଶଗ୍ରହଣ କରି ଭଗବାନଙ୍କ ଦର୍ଶନ କରିବା ସହ ମହାପ୍ରସାଦ ଗ୍ରହଣ କରିଥିଲେ। କମିଟିର ସଭାପତି ନରେନ୍ଦ୍ର ପ୍ରଧାନ, ସମ୍ପାଦକ ଦିଲ୍ଲୀପ ପ୍ରଧାନ, ନୀଳାମ୍ବର ସାହୁ, ସୁଶୀଲ ପ୍ରଧାନ, କ୍ଷୀରସାଗର ବରିହା, ଭୀମସେନ ନାୟକଙ୍କ ସହ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

### ଦଣ୍ଡବତ ପ୍ରଣାମକୁ ଗୁରୁତ୍ୱ

ବରଗଡ଼,୧୪।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସରସ୍ୱତୀ ଶିଶୁ ମନ୍ଦିର (ଓଡ଼ିଆ ବିଭାଗ)ରେ ଦଣ୍ଡବତ ପ୍ରଣାମର ମହତ୍ତ୍ୱ ଉପରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଇସ୍କନର ରାଜେଶ ଦାଶ ପ୍ରଭୁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ। ଭାଗିରଥୀ ଦାଶ ପ୍ରଭୁ ମୃଦଙ୍ଗ ବାଦନ କରିଥିଲେ। ଇସ୍କନ ପ୍ରଚାରକ ଅଭିଜିତ୍ ପ୍ରଭୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ରଞ୍ଜନ କୁମାର ବିଶ୍ୱାଳ, ଗୁରୁମା ମମତା ସା, ଗୀତାଞ୍ଜଳିସାହୁପ୍ରମୁଖ ସହଯୋଗ କରିଥିଲେ। ତନୁଜା ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

# ତ୍ରୁଟିପୂର୍ଣ୍ଣ କୃଷିନୀତି, ତେଜୁଛି ଆନ୍ଦୋଳନ


ଖବରଦାତା ସମ୍ମିଳନୀରେ ସଂଯୁକ୍ତ କୃଷକ ସଙ୍ଗଠନର ପ୍ରତିନିଧି।

ବରଗଡ଼,୧୪।୨(ପ୍ରେମାନନ୍ଦ ଖମାରୀ)

- ମାର୍ଚ୍ଚ ୧୭ରେ ବରଗଡ଼ରେ ମହାପଞ୍ଚାୟତ
- ଯୋଗଦେବେ ସଂଯୁକ୍ତ କିଷାନ ମୋର୍ଚ୍ଚାର ନେତୃବୃନ୍ଦ
- ୧୦ହଜାରରୁ ଊର୍ଦ୍ଧ୍ୱ ଚାଷୀଙ୍କ ସମାବେଶ ଲକ୍ଷ୍ୟ

ବରଗଡ଼ ଜିଲାରେ କୃଷି ଏବଂ କୃଷକଙ୍କ ସମସ୍ୟା ଅସମାହିତ ରହିଯାଇଛି। ଏହାକୁ ନେଇ ଜିଲାରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ସରକାରଙ୍କ ତ୍ରୁଟିପୂର୍ଣ୍ଣ କୃଷିନୀତି ଏବଂ କୃଷିକ୍ଷେତ୍ରକୁ କମ୍ପାନୀକରଣ ବିରୋଧରେ ଆନ୍ଦୋଳନ ତେଜି ଉଠିଛି। ଆସନ୍ତା ମାର୍ଚ୍ଚ ୧୭ତାରିଖରେ ବରଗଡ଼ ଜର୍ଜ ହାଇସ୍କୁଲ ପଡ଼ିଆରେ ଏହି ସମସ୍ୟାକୁ ନେଇ ଏକ ମହାପଞ୍ଚାୟତ କାର୍ଯ୍ୟକ୍ରମ ରହିଛି। ବରଗଡ଼ର ସଂଯୁକ୍ତ କୃଷକ ସଙ୍ଗଠନ ତରଫରୁ ହେବାକୁ ଥିବା ଏହି ମହାପଞ୍ଚାୟତରେ ଜିଲାର ୧୮ଅନୁଷ୍ଠାନ ସାମଲ ହେବାକୁ ଥିବାବେଳେ ୧୦ହଜାରରୁ ଊର୍ଦ୍ଧ୍ୱ ଚାଷୀଙ୍କ ସମାବେଶ ହେବାର କାର୍ଯ୍ୟକ୍ରମ ରହିଛି। ଏ ନେଇ ବରଗଡ଼ ଅଗ୍ରଗାମୀ ଯୁବକ ସଂଘରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଯୋଗଦେଇ ସଂଯୁକ୍ତ କୃଷକ ସଂଗଠନ, ବରଗଡ଼ର ଉପଦେଷ୍ଟା ରମେଶ ମହାପାତ୍ର ସୂଚନା ଦେଇ କହିଥିଲେ, ଉକ୍ତ ମହାପଞ୍ଚାୟତରେ ସଂଯୁକ୍ତ କିଷାନ ମୋର୍ଚ୍ଚାର କେନ୍ଦ୍ରୀୟ ନେତୃବୃନ୍ଦ ସଂଯୁକ୍ତ କିଷାନ ମୋର୍ଚ୍ଚାର ଚୌଧୁରୀ ରାଜେଶ ଟିକାୟତ, ସତ୍ୟବାନ ଜୀ, ଡା. ଦର୍ଶନ ପାଲ, ଅପ୍ଲୁତୁନ ଦେଶାଇ, ଚୌଧୁରୀ ରାଜେନ୍ଦ୍ର ପ୍ରମୁଖ ସମାବେଶରେ ଯୋଗଦେବେ। ସେମାନେ କୃଷି, କୃଷକଙ୍କ ସମସ୍ୟା ଏବଂ ଏଥିପ୍ରତି ସରକାରଙ୍କ ଅଣଦେଖା ଉପରେ ସମବେତ ଚାଷୀମାନଙ୍କୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି।

ମହାପଞ୍ଚାୟତରେ ଧାନର ଅଭାବୀ ବିକ୍ରି, ବିଦ୍ୟୁତ୍‌ର ଘରୋଇକରଣ, ସ୍ମାର୍ଟ ମିଟର ସ୍ଥାପନ, ଉଠାଜଳସେଚନ ପ୍ରକଳ୍ପଗୁଡ଼ିକୁ ବିଦ୍ୟୁତ୍ ସଂଯୋଗ କରା ନ ଯିବା, ଚାଷୀଙ୍କ କୃଷିକ୍ଷେତ୍ରକୁ ମାଗଣା ବିଦ୍ୟୁତ୍ ଆଦି ପ୍ରସଙ୍ଗ ଉପରେ ଆଲୋଚନା ହେବ ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ମହାପଞ୍ଚାୟତକୁ ସଫଳ କରିବା ପାଇଁ ସଂଯୁକ୍ତ କୃଷକ ସଙ୍ଗଠନ ପକ୍ଷରୁ ଜିଲାର ଗାଁ ଗାଁରେ ସଭା ସମିତି ଚାଲିଛି। ପ୍ରତ୍ୟେକ ଦିନ ସଙ୍ଗଠନର ନେତୃବୃନ୍ଦ ବିଭିନ୍ନ ଗ୍ରାମକୁ ପହଞ୍ଚି ମହାପଞ୍ଚାୟତ କାର୍ଯ୍ୟକ୍ରମ ଉପରେ ସ୍ଥାନୀୟ ଲୋକଙ୍କୁ ଅବଗତ କରୁଛନ୍ତି। ମହାପଞ୍ଚାୟତରେ ସାମିଲ ହେବା ପାଇଁ ଚାଷୀମାନଙ୍କୁ ସଙ୍ଗଠନ ପକ୍ଷରୁ ନିବେଦନ କରାଯିବା ସହିତ କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ଆଧାରିତ ପ୍ରଚାରପତ୍ର ବଣ୍ଟନ କରାଯାଉଛି।

ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସଂଯୁକ୍ତ କୃଷକ ସଙ୍ଗଠନର ଉପଦେଷ୍ଟା ଅଜିତ ଶତପଥୀ, ଉତ୍ପନ୍ନ ଭୋଇଙ୍କ ସମେତ ସଦସ୍ୟ ଈଶାନ୍ତ ଭୋଇ, ଜୟପ୍ରକାଶ ବେହେରା, ସୁବାସ ବିଶ୍ୱାଳ, ଥବିର ସାହୁ, ସୁରେଶ ନେକାଣ୍ଟି, ନିରଞ୍ଜନ ପ୍ରଧାନ, ସୁଦାମ ପାତ୍ର, ତପନ ମିଶ୍ର, ସୁବାସ ପ୍ରଧାନ, ରବିଶଙ୍କର ପ୍ରଧାନ, ପ୍ରେମରାଜ ସାହୁ, ମହେନ୍ଦ୍ର ସାହୁ, ସୁବାସ ସାମନ୍ତରାୟ, ଅରବିନ୍ଦ ପଣ୍ଡା, ରତିକାନ୍ତ ବାରିକ, କ୍ଷୀରସିନ୍ଧୁ ବଗର୍ତ୍ତୀ, ରାଧେଶ୍ୟାମ ନାୟକ, ବନବାସ ସାହୁ, ସମାଜସେବୀ ପାଣ୍ଡବ କର୍ଣ୍ଣ, କିଶୋର ସାହୁ, ବିକାଶ ଅଗ୍ରୱାଲ, କୋଶଲ ସେନାର ବିରବଲ ମହାକୁଡ଼, ଭାରତୀୟ କିଷାନ ୟୁନିୟନର ରାଜ୍ୟ ସଭାପତି ସୌରୀଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବିକାଶରେ ପାପା କେହେତେ ହୈ ବକ୍ତୃତା

ବରଗଡ଼,୧୪।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ର ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁଶନ୍ସରେ ପାପା କେହତେ ହୈ ଶୀର୍ଷକ ସ୍ମାରକୀ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ଗୁନ୍ନମ ରାମଚନ୍ଦ୍ର ରାଓଙ୍କ ୨୯ତମ ପୁଣ୍ୟତିଥି ଅବସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଚିଫ୍ ଆଡ୍‌ମିନିଷ୍ଟ୍ରେଟିଭ ଅଫିସର ଇଂ. ଅଜୟ କୁମାର ମହାପାତ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଲକ୍ଷ୍ମୀ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ନାଗେଶ୍ୱର ରାଓ ବିକାଶ ଯାତ୍ରାର ସ୍ମୃତିଚାରଣ କରିବା ସହିତ ପାପା କେହତେ ହୈ ଭଳି ସାର୍ଥକ କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ଆୟୋଜକଙ୍କୁ ଅଭିନନ୍ଦନ ଜ୍ଞାପନ କରିଥିଲେ। ଏହାସହିତ ଛାତ୍ରୀଛାତ୍ରମାନଙ୍କୁ ମାନବିକ ମୂଲ୍ୟବୋଧ ଏବଂ ସଂଯମ, ଶୃଙ୍ଖଳା ଉପରେ ପରାମର୍ଶ ଦେଇ ଛାତ୍ର ଜୀବନର ପ୍ରତି ମୁହୂର୍ତ୍ତକୁ ଏକ ଅବିସ୍ମରଣୀୟ ସ୍ମୃତିରେ ପରିଣତ କରିବା ପାଇଁ ସେ ପ୍ରେରଣା ଦେଇଥିଲେ। ବିକାଶ ହସ୍ପିଟାଲ, ସମ୍ବଲପୁରର ନିର୍ଦ୍ଦେଶକ ଜି. ସିରିକ୍ରିଷ୍ଣା ମୁଖ୍ୟବକ୍ତା ଭାବେ ଯୋଗଦେଇ ପିତାପୁତ୍ରଙ୍କ ସମ୍ପର୍କ ଉପରେ ମର୍ମସ୍ପର୍ଶୀ ବକ୍ତବ୍ୟ ରଖିଥିଲେ।

ଏହି ଅବସରରେ ଥିମାଟିକ୍ ଏପାରସେପସନ୍ ଟେଷ୍ଟ ହୋଇଥିଲା। ଏଥିରେ ବିକାଶ ଡିଗ୍ରୀ କଲେଜର ସଞ୍ଚିତା ପାତ୍ର ପ୍ରଥମ, ବିକାଶ ଲ' ସ୍କୁଲର ସାଇନା ବିଶ୍ୱାଳ ଦ୍ୱିତୀୟ ଏବଂ ବିକାଶ ନର୍ସିଂ କଲେଜର ଅବିନାଶ ସାହୁ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ବିଦ୍ୟା ବିକାଶର ସିଏମ୍‌ଡ଼ି ଜି. ଭାସ୍କର ରାଓ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ବିକାଶ ପରିବାର ପକ୍ଷରୁ ମୁଖ୍ୟବକ୍ତା ଜି. ସିରିକ୍ରିଷ୍ଣା ଏବଂ ଡା. ଜି. ବୈଷ୍ଣବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସମସ୍ତ ଅଧ୍ୟାପିକା, ଅଧ୍ୟାପକଙ୍କ ସମେତ ୨ଶହରୁ ଅଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଅଧ୍ୟାପିକା ସୌମ୍ୟାଶ୍ରୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନୁଷ୍ଠାନର ଡିନ୍ ଆର୍.ଏସ.ଭି କ୍ରୀଷ୍ଣା, ଅଧକ୍ଷ ଡଃ ପୂର୍ଣ୍ଣେନ୍ଦୁ ମିଶ୍ର, ଉପାଧ୍ୟକ୍ଷ ଦୀପକ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିକାଶ ସ୍କୁଲ ଅଫ୍ ବିଜନେସ୍ ମ୍ୟାନେଜମେଣ୍ଟର ଅଧକ୍ଷ ଡଃ କ୍ଷୀରୋଦ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଏବଂ ଆୟୋଜକବୃନ୍ଦ।

# ପଞ୍ଚଦିବସୀୟ ପ୍ରେରଣା ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ

ସରଣ୍ଡା,୧୪।୨(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ଉଚ୍ଚ ବିଦ୍ୟାଳୟଠାରେ ପଞ୍ଚଦିବସୀୟ ତାଲିମ କାର୍ଯ୍ୟକ୍ରମ ପ୍ରେରଣା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶ୍ରୀ ମିଶ୍ରାଣୀ କୁମ୍ଭାରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ତାଲିମ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ତ୍ତିକ ବାଗ ଏବଂ ତପନ କୁମାର ଦାସ, ସ୍ଥାନୀୟ ପ୍ରଧାନ ଶିକ୍ଷକ ମନୋଜ ହରିପାଲ, ସିଆରସିସି ନୃପ ଭୋଇ, ଋଷଭ ପଣ୍ଡା, ଜିଲା ସାଧନ କର୍ମୀ ନନ୍ଦିଘୋଷ ଭୁଏ ମଞ୍ଚାସୀନ ଥିଲେ। ଏହି ତାଲିମ କାର୍ଯ୍ୟକ୍ରମରେ ସମସ୍ତ ନବ ନିଯୁକ୍ତ କନିଷ୍ଠ ଶିକ୍ଷୟିତ୍ରୀ ଶିକ୍ଷକ ତାଲିମ ଗ୍ରହଣ କରିଥିଲେ। ତାଙ୍କ ଦକ୍ଷତା ବିକାଶ ନିମିତ୍ତ ଏହି ତାଲିମ କାର୍ଯ୍ୟକ୍ରମରେ ସାଧନ କର୍ମୀଭାବେ ସିଆରସିସି ରଞ୍ଜନ ବାଗ, କୃତାର୍ଥ ଚନ୍ଦ୍ର ଭୁଏ, ଧରମ ନାଏକ ଏବଂ ରଶ୍ମିରାଣୀ ନନ୍ଦ ତାଲିମ ପ୍ରଦାନ କରିଥିଲେ।


ପ୍ରେରଣା ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକ।

# ବରଗଡ଼-ଭୁବନେଶ୍ୱର ଇଣ୍ଟରସିଟି ଟ୍ରେନ୍ ଚାଲୁ

## ରେଳମନ୍ତ୍ରୀଙ୍କୁ ଭେଟି ଦାବି ରଖିଲେ ପ୍ରଦୀପ

ବରଗଡ଼,୧୪।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ଶୁକ୍ରବାର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟିଛନ୍ତି। ସେ ରେଳମନ୍ତ୍ରୀଙ୍କ ନିକଟରେ ବିଭିନ୍ନ ଦାବି ରଖିବା ସହିତ ତାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବରଗଡ଼ରୁ ଭୁବନେଶ୍ୱରକୁ ଇଣ୍ଟରସିଟି ଟ୍ରେନ ଚଳାଚଳ ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ରହିଛି। ଫଳରେ ବରଗଡ଼ରୁ ଭୁବନେଶ୍ୱରକୁ ପ୍ରତିଦିନ ସକାଳୁ ଇଣ୍ଟରସିଟି ଟ୍ରେନ୍ ଚଳାଚଳ ପାଇଁ ପ୍ରଦୀପ ଦାବି କରିଛନ୍ତି। ସେହିପରି ବରଗଡ଼ ରୋଡ୍ ଏବଂ ବଲାଙ୍ଗୀର ଷ୍ଟେଶନ ପୂର୍ବତଟ ରେଲବାଇର ସମ୍ବଲପୁର ଡିଭିଜନ ଅଧୀନରେ ରହିଛି।

ବରଗଡ଼ ରୋଡ୍/ବଲାଙ୍ଗୀରରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଏକ ନୂଆ ଟ୍ରେନ ଚଳାଚଳ କରାଯାଉ କିମ୍ବା ୧୮୦୩/୩୦୪ ପୁରୀ-ସମ୍ବଲପୁର-ପୁରୀ ଇଣ୍ଟରସିଟିକୁ ବରଗଡ଼/ବଲାଙ୍ଗୀର ପର୍ଯ୍ୟନ୍ତ ୨-ରେକ୍ ଟ୍ରେନ୍ ଭାବେ ପରିବର୍ତ୍ତନ କରାଯାଉ ବୋଲି ପ୍ରଦୀପ ଦାବି କରିଛନ୍ତି। ପଶ୍ଚିମ ଓଡ଼ିଶାବାସୀଙ୍କ ଭାବାବେଗକୁ ବିଚାର କରି ଏବଂ ଏହି ଅଞ୍ଚଳର ପୁରୁଣା ଦାବି ସମୂହ ପୂରଣ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସେ ରେଳମନ୍ତ୍ରୀଙ୍କ ନିକଟରେ ଦାବି ରଖିଛନ୍ତି। ଏହା ସହିତ ବରଗଡ଼-ନୂଆପଡ଼ା ରେଳପଥ ନିର୍ମାଣ କାର୍ଯ୍ୟରେ ତ୍ୱରିତ ପଦକ୍ଷେପ ନେବା ସହିତ ପାଇକମାଳ ରେଳ ଷ୍ଟେଶନର ନାମ ପରିବର୍ତ୍ତନ କରି ନୃସିଂହନାଥ ରେଳ ଷ୍ଟେଶନ କରିବାକୁ ପ୍ରଦୀପ ପ୍ରସ୍ତାବ ଦେଇଛନ୍ତି। ସେହିପରି ଜନଶତାବ୍ଦୀ ଏକ୍ସପ୍ରେସକୁ ଝାରସୁଗୁଡ଼ା ପର୍ଯ୍ୟନ୍ତ ସମ୍ପ୍ରସାରଣ ସହିତ ହାତିଆ-ଝାରସୁଗୁଡ଼ା ପାସେଞ୍ଜର ଟ୍ରେନ୍‌କୁ ରାୟଗଡ଼ ଏବଂ କୋଭିଡ୍ ସମୟରେ ବନ୍ଦ ହୋଇଥିବା ନିଜାମୁଦ୍ଦିନ-ରାୟଗଡ଼ ଗୋଣ୍ଡୱାନା ଏକ୍ସପ୍ରେସ ଟ୍ରେନକୁ ପୁନଃ ଚଳାଚଳ କରିବା ପାଇଁ ପ୍ରଦୀପ ଦାବି ରଖିଛନ୍ତି। ଏହି ସମୟରେ କେନ୍ଦ୍ରମନ୍ତ୍ରୀ ରବନିତ୍ ସିଂ ବିଟ୍ଟୁ ମଧ୍ୟ ଉପସ୍ଥିତ ଥିଲେ।


ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ଭେଟୁଛନ୍ତି।

# ଜିଲାସ୍ତରୀୟ ଏକ ଦିବସୀୟ କ୍ରୀଡ଼ା ମହୋତ୍ସବ

ପାଇକମାଳ,୧୪।୨(ବଡ ଶତପଥି)

ବରଗଡ଼ ଜିଲା ପାଇକମାଳ ବ୍ଲକ ନୃସିଂହନାଥ ଏସଏସଡି ହାଇ ସ୍କୁଲରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଜିଲା ସ୍ତରୀୟ ହାଇସ୍କୁଲ ଗୁଡିକରେ ଏକ ଦିବସୀୟ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ୭ଟି ହାଇ ସ୍କୁଲର ୮୪ ଜଣ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ଏହି କ୍ରୀଡାକୁ ମୁଖ୍ୟ କ୍ରୀଡା ଶିକ୍ଷକ ପ୍ରିତମ ପଣ୍ଡା, ନମିତା ସାହୁ, ଭେରୀନାଥ ବାଗ, ସୁଶାନ୍ତ ସାହୁ ପ୍ରମୁଖ କ୍ରୀଡା ଶିକ୍ଷକମାନେ ପରିଚାଳନା କରିଥିଲେ। ମୁଖ୍ୟତଃ ୬ଟି ଇଭେଣ୍ଟରୁ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୩ଜଣ ଲେଖାଏଁ ୩୬ ଜଣଙ୍କୁ ଚୟନ କରାଯାଇଥିଲା। କ୍ରୀଡା ଶେଷ ହେଲା ପରେ ମାର୍ଚ୍ଚ ଫାଷ୍ଟ ଓ ଜମ୍ବଲ ମାର୍ଚ୍ଚ କରାଯାଇ କ୍ରୀଡା ପତାକାକୁ ମୁଖ୍ୟ ଅତିଥିଙ୍କୁ ହସ୍ତାନ୍ତର କରାଯାଇଥିଲା। ଏନେଇ ଅନୁଷ୍ଠିତ ସଭାରେ ହାଇ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମୋହିନୀ ଦଳପତି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଜିଲା ମଙ୍ଗଳ ଅଧିକାରୀ ମଳୟ ଶତପଥୀ, ମୁଖ୍ୟ ବକ୍ତା ସୁନୀଲ ଭୋଇ, ସମ୍ମାନିତ ଅତିଥି ସମାଜସେବୀ ବଡ ଶତପଥି ପ୍ରମୁଖ ଯୋଗଦେଇ କ୍ରୀଡାରେ ଭାଗନେଇ ଥିବା ସମସ୍ତ ଖେଳାଳିଙ୍କୁ ଇଚ୍ଛା ଶକ୍ତି ଲଗାଇ ମନଦେଇ ଖେଳର କୌଶଳକୁ ଠିକ ଯାଗାରେ ଠିକ ସମୟରେ ପ୍ରୟୋଗ କଲେ ବିଜୟ ସୁନିଶ୍ଚିତ ବୋଲି ବୁଝାଇବା ସହ ସମସ୍ତ ଖେଳାଳିଙ୍କୁ ଧନ୍ୟବାଦ ଦେଇଥିଲେ। କୃତି ୩୬ ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।


ପୁରସ୍କୃତ ହୋଇଥିବା ଛାତ୍ରୀଛାତ୍ର ଓ ଅତିଥିମାନେ।

# ପଞ୍ଚଦିବସୀୟ ପ୍ରଶିକ୍ଷଣ ଶିବିର ପ୍ରେରଣା ଉଦ୍‌ଯାପିତ


ତାଲିମରେ ଭାଗ ନେଇଥିବା ପ୍ରଶିକ୍ଷକ ଓ ଶିକ୍ଷୟିତ୍ରୀ ଶିକ୍ଷକ।

ପଦ୍ମପୁର,୧୪।୨ (ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ରାଜବୋଡ଼ାସମ୍ବର ଶିକ୍ଷା କାର୍ଯ୍ୟାଳୟ ତଥା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ପଦ୍ମପୁର ରାଜବୋଡ଼ାସମ୍ବର ଉଚ୍ଚ ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷା ପରିଷଦର ନବ ନିଯୁକ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପଞ୍ଚଦିବସୀୟ ପ୍ରଶିକ୍ଷଣ ଶିବିର ପ୍ରେରଣା ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଭିଳାଷ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜନକଲାଲ ମେହେର, ସମ୍ମାନୀତ ଅତିଥି ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶିବ ପ୍ରସାଦ ଯୋଶୀ, ବିଶିକେଶନ ଶତପଥୀ ଏବଂ ସାଧନକର୍ମୀ ଭାବେ ଶେଷଦେବ ସାହୁ, ଦଶରଥ କଲେତ, ନରେନ୍ଦ୍ର ଜାଲ ଓ ଗୋବର୍ଦ୍ଧନ ବରିହା ମଞ୍ଚାସୀନ ଥିଲେ। ପଞ୍ଚଦିବସୀୟ ଏହି ତାଲିମ ଶିବିରରେ ପ୍ରଶିକ୍ଷାର୍ଥୀଙ୍କ ଶିକ୍ଷଣ କୌଶଳ, ବ୍ୟାବହାରିକ କୌଶଳ ତଥା ଶିକ୍ଷାନୁଷ୍ଠାନର ନୀତିନିୟମ ସମ୍ବନ୍ଧୀୟ ଜ୍ଞାନର ଅଭିବୃଦ୍ଧି ସମେତ ଦକ୍ଷତା ବିକାଶ ନିମନ୍ତେ ତାଲିମ ଦିଆଯାଇଥିଲା। ଶେଷରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁଶ୍ରୀ ପ୍ରଭାସିନୀ ସା ଧନ୍ୟବାଦ ଅର୍ପଣ କରିଥିଲେ।

# ଗମ୍ଭାରୀପାଲି ସୋମନାଥ ବାବା ମନ୍ଦିର ପ୍ରତିଷ୍ଠା ଉତ୍ସବ

ସରଣ୍ଡା,୧୪।୨( ଯୁଧିଷ୍ଠିର ମହାପାତ୍ର )

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଗମ୍ଭାରୀପାଲି ଗ୍ରାମଠାରେ ଶୁକ୍ରବାରଠାରୁ ସୋମବାର ପର୍ଯ୍ୟନ୍ତ ସୋମନାଥ ବାବା ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେଉଛି। ପ୍ରଥମ ଦିନରେ ଗ୍ରାମର ସମସ୍ତ ମହିଳାମାନେ ଗମ୍ଭାରୀପାଲି ଫାର୍ମ ପୋଖରୀରୁ ପୂଜାର୍ଚ୍ଚନା କରି କଳସ ଶୋଭାଯାତ୍ରାରେ ଆସି ପୂଜାମଣ୍ଡପଠାରେ ସ୍ଥାପନା କରିଥିଲେ। ପରେ ପଣ୍ଡିତଙ୍କ ଦ୍ୱାରା ପୂଜାକାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ପୂଜା କାର୍ଯ୍ୟକ୍ରମର ମୁଖ୍ୟପଣ୍ଡିତ ହିମାଂଶୁ ତ୍ରିପାଠୀ ରହିଥିବାବେଳେ ସହଯୋଗୀରୂପେ ପଣ୍ଡିତ ଶୁଶାନ୍ତ କୁମାର ଦାସ, ଶୀତାଂଶୁ ତ୍ରିପାଠୀ, କୈସର୍ଗୀ ମିଶ୍ର, ଆଜାଦ ତ୍ରିପାଠୀ ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଏଥିରେ ୧୫ ଯୋଡ଼ି କର୍ତ୍ତାକର୍ତ୍ତ୍ରୀ ଦାୟିତ୍ୱ ତୁଲାଉଛନ୍ତି। ପ୍ରତ୍ୟେହ ସଂସ୍କୃତିକ କାର୍ଯ୍ୟକ୍ରମ ଯଥା ପାରାୟଣ, ଭଜନ, କୃଷ୍ଣଗୁରୁ ସହିତ ରାବଣ ଦରବାର ଆଦି କାର୍ଯ୍ୟକ୍ରମ ରହିଛି। ପ୍ରତ୍ୟେକ ଦିନ ଭକ୍ତଙ୍କ ପାଇଁ ଅନ୍ନଭୋଗର ବ୍ୟବସ୍ଥା କରାଯାଇଛି ବୋଲି ଗମ୍ଭାରୀପାଲି ଗ୍ରାମବାସୀ ଓ ମନ୍ଦିର ପ୍ରତିଷ୍ଠା କମିଟି ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ମିନା ବଜାର ରହିଛି।

# ଗଭୀର ନଳକୂପକୁ ହେଉନି ବିଦ୍ୟୁତ୍ ସଂଯୋଗ

ବରଗଡ଼,୧୪।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାର ବିଭିନ୍ନ ଗ୍ରାମରେ ବିଜୁ କୃଷକ କଲ୍ୟାଣ ଯୋଜନାରେ ଗଭୀର ନଳକୂପ ଖୋଳାଯାଇଛି। କିନ୍ତୁ ବର୍ଷ ବର୍ଷ ଧରି ସେଠାକୁ ବିଦ୍ୟୁତ୍ ସଂଯୋଗ ହୋଇପାରିନାହିଁ। ଫଳରେ ଏପର୍ଯ୍ୟନ୍ତ ଗଭୀର ନଳକୂପଗୁଡ଼ିକ କାର୍ଯ୍ୟକ୍ଷମ ହୋଇ ପାରି ନ ଥିବାବେଳେ ଚାଷୀଙ୍କ ଆଶା ମଧ୍ୟ ଧୂଳିସାତ୍ ହୋଇଯାଇଛି। ଏହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ଏହି କ୍ରମରେ ଶୁକ୍ରବାର ଜିଲାର ବିଭିନ୍ନ ଗ୍ରାମର ଚାଷୀ ପ୍ରତିନିଧିମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ସେମାନେ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ଗଭୀର ନଳକୂପଗୁଡ଼ିକୁ ତୁରନ୍ତ ବିଦ୍ୟୁତ୍ ସଂଯୋଗ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ନିବେଦନ କରିଛନ୍ତି।

ସୂଚନା ଅନୁଯାୟୀ, ଜିଲାରେ ବର୍ତ୍ତମାନ ସୁଦ୍ଧା ୩୭୦୦ ଗଭୀର ନଳକୂପକୁ ବିଦ୍ୟୁତ ସଂଯୋଗ ହୋଇପାରିନାହିଁ। ଅନ୍ୟପଟେ ୨୦୨୩ରୁ ସମ୍ପୃକ୍ତ ଗଭୀର ନଳକୂପଗୁଡ଼ିକ ଖୋଳାସରିଛି। ଏ ନେଇ ଚାଷୀମାନେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଧାଁ ଧପଡ଼ ହେଉଛନ୍ତି। କିନ୍ତୁ କିଛି ସୁଫଳ ମିଳି ନ ଥିବା ଚାଷୀମାନେ କହିଛନ୍ତି। ସେହିପରି ଅଣଜଳସେଚିତ ଜମିରେ ଗଭୀର ନଳକୂପ ସାହାଯ୍ୟରେ ପାଣି ମଡ଼ାଇ ଚାଷବାସ କରିବେ ବୋଲି ଚାଷୀମାନେ ଆଶା ରଖିଥିଲେ ଏବଂ ଅଗ୍ରୀମ ଆବଶ୍ୟକ ଟଙ୍କା ଜମା କରିଥିଲେ। କିନ୍ତୁ ଗଭୀର ନଳକୂପ ଖୋଳାଯାଇ ଥିବାବେଳେ ଏପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ହୋଇ ନଥିବା ଯୋଗୁ ଚାଷୀଙ୍କ ସେହି ଆଶା ମଉଳି ଯାଇଛି। ରାଜବୋଡ଼ାସମ୍ବର କୃଷକ ସଙ୍ଗଠନର କୈଳାଶ ବାରିକଙ୍କ ସମେତ ଝାରବନ୍ଧ ବ୍ଲକର କୁମୀର, ଚିରୋଲି ଆଦି ଗ୍ରାମର ଚାଷୀ ପ୍ରତିନିଧିମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଆସନ୍ତା ୧୫ଦିନ ମଧ୍ୟରେ ଗଭୀର ନଳକୂପ ଗୁଡ଼ିକୁ ବିଦ୍ୟୁତ ସଂଯୋଗ ନ ହେଲେ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।


ବିଦ୍ୟୁତ୍ ସଂଯୋଗ ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀବୃନ୍ଦ।

## ରବିବାର ୯ ଘଣ୍ଟା ବିଦ୍ୟୁତ୍ କାଟ୍

**ବରଗଡ଼,(ପ୍ରେମାନନ୍ଦ ଖମାରୀ):** ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍(ଓପିଟିସିଏଲ୍) ପକ୍ଷରୁ ୧୩୨/୩୩ କେ.ଭି ପ୍ରଧାନପାଲି ଗ୍ରୀଡ୍ ସବ୍‌ଷ୍ଟେଶନର ବାର୍ଷିକ ରକ୍ଷଣାବେକ୍ଷଣ ଲାଗି ଆସନ୍ତା ୧୬ତାରିଖ ସକାଳ ୮ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ବରଗଡ଼ ଜିଲାର ବିଭିନ୍ନ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ଏଥିରେ ଉକ୍ତ ଜିଲାର ବଡ଼ମାଳ, ବାନ୍ଧୁଟିକ୍ରା, ଭଟଲି, ଡେବ୍ରିଗଡ଼, ଦେଓଗାଁ, ଗାଇସୀମା, ଗୋବିନ୍ଦପୁର, ଗୋପାଳପୁର, କମଗାଁ, କଟାପାଲି, କେନ୍ଦୁଗୁଡ଼ା, ଲାଣ୍ଡିଝୁରି, ପ୍ରଧାନପାଲି, ଶରଧାପାଲି, ତେରେଙ୍ଗପାଲି, ତୋରା, ଅମ୍ବପାଲି ତଥା ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ପ୍ରଭାବିତ ହେବ। ଏହି ରକ୍ଷଣାବେକ୍ଷଣ କାର୍ଯ୍ୟ ସ୍ଥିର, ନିରବଚ୍ଛିନ୍ନ ତଥା ଗୁଣାତ୍ମକ ବିଦ୍ୟୁତ ସେବା ପାଇଁ ଅତ୍ୟନ୍ତ ଜରୁରୀ ଅଟେ। ତେଣୁ ସାମୟିକ ସମୟ ପାଇଁ ବିଦ୍ୟୁତ୍ ସେବା ବ୍ୟାହତ ହେବା ଲାଗି ଟିପିଡବ୍ଲ୍ୟୁଓଡିଏଲ କର୍ତ୍ତୃପକ୍ଷ ଦୁଃଖପ୍ରକାଶ କରିବା ସହିତ ସମ୍ପୃକ୍ତ ଅଞ୍ଚଳର ବିଦ୍ୟୁତ୍ ଗ୍ରାହକ ତଥା ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି।

# ଟ୍ରକ୍ ମାଲିକ ସଂଘର ନୂତନ କର୍ମକର୍ତ୍ତା

**ରାଉରକେଲା,୧୪।୨(ଦିନେଶ ମିଶ୍ର):** ବେଦବ୍ୟାସ ଟ୍ରକ୍ ମାଲିକ ସଂଘର ନୂତନ କମିଟି ସର୍ବସମ୍ମତି କ୍ରମେ ଶୁକ୍ରବାର ଗଠିତ ହୋଇଯାଇଛି। ୨୦୨୫-୨୬ ବର୍ଷ ପାଇଁ ବିଜୟ କୁମାର ପ୍ରଧାନଙ୍କୁ ସଂଘ ସଭାପତି ଭାବେ ଚୟନ କରାଯାଇଛି। ସେହିଭଳି ଜୟବାହାଦୂର ସିଂ ଉପସଭାପତି ଓ ବିଶ୍ୱରଞ୍ଜନ ବେହୁରାଙ୍କୁ ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ବିଜୟ ଚୌଧୁରୀ, ସନ୍ତୋଷ ଯାଦବଙ୍କୁ ସମ୍ପାଦକ ଓ ରାମଚନ୍ଦ୍ର ମାଲାହାଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନିତ କରାଯାଇଛି। ଆସନ୍ତା ୧୬ ତାରିଖ ସନ୍ଧ୍ୟା ୭ଟାରେ ବାସନ୍ତୀ କଲୋନିର ଡିଏଭି ସରୋବର କଟେଜରେ ଏହାର ଉତ୍ସବ ଆୟୋଜନ କରାଯିବ ବୋଲି ଜଣାପଡ଼ିଛି।

# ଓଲଟିଲା ସ୍କୁଲ ଅଟୋ



**ରାଉରକେଲା,୧୪।୨(ବିପ୍ଳବ ରଞ୍ଜନ ଦାଶ):** ରାଉରକେଲା ସେକ୍ଟର-୧୪ ସ୍ଥିତ ଏକ ଘରୋଇ ସ୍କୁଲର କିଛି ଛାତ୍ରୀଙ୍କୁ ନେଇ ଯାଉଥିବା ଏକ ଅଟୋ ଶୁକ୍ରବାର ଅପରାହ୍ନରେ ଛେଣ୍ଡ ଅଭିଜ୍ଞାନ ଛକ ନିକଟ ରିଂରୋଡ୍‌ଠାରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ଅଟୋ ଭିତରେ ବସିଥିବା ଛାତ୍ରୀମାନଙ୍କ ମଧ୍ୟରୁ ଜଣେ ଗୁରୁତର ହୋଇଥିବାବେଳେ ଅନ୍ୟମାନେ ସାମାନ୍ୟ ଆହତ ହୋଇଥିଲେ। ତୁରନ୍ତ ଆହତ ଛାତ୍ରୀମାନଙ୍କୁ ଉଦ୍ଧାର କରି ଆଇଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା।



ରାଉରକେଲା ପାୱାର ହାଉସ ମୁଖ୍ୟରାସ୍ତା ଫୁଟ୍‌ପାଥରେ ଟ୍ରକ୍‌ଗୁଡ଼ିକ ପାର୍କିଂ କରାଯାଇଛି।

# ହଟୁନି ବେଆଇନ ଟ୍ରକ୍ ପାର୍କିଂ

## ଆର୍‌ଏମ୍‌ସି ନିର୍ଦ୍ଦେଶକୁ ବେଖାତିର

**ରାଉରକେଲା,୧୪।୨(ବିପ୍ଳବ ରନ ଦାଶ)**

ରାଉରକେଲା ପାୱାର ହାଉସ, ମହତାବ ରୋଡ୍ ଏବଂ ଉଦିତନଗର ଆର୍‌ଏମ୍‌ସି ଛକ ଯାଏ ଉଭୟ ପାର୍ଶ୍ୱ ଫୁଟ୍‌ପାଥ୍‌ରେ ଦିନକୁ ଦିନ ଟ୍ରକ ପାର୍କିଂ ବଢ଼ିବାରେ ଲାଗିଛି। ଏଥିଯୋଗୁ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ହଜାର ହଜାର ସାଧାରଣ ଯାତ୍ରୀ ଏବଂ ଛାତ୍ରୀଛାତ୍ର ଟ୍ରାଫିକ୍ ଜାମ୍ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। ବେଆଇନ ଟ୍ରକ୍ ପାର୍କିଂ ହଟାଇବାକୁ ଆର୍‌ଏମ୍‌ସି ପ୍ରଶାସନ ନିର୍ଦ୍ଦେଶ ଦେଇଥିବାବେଳେ ଏହାକୁ ବେଖାତିର କରାଯାଉଥିବା ଦେଖିବାକୁ ମିଳୁଛି।

ପ୍ରକାଶ ଯେ, ପାୱାର ହାଉସ ପରିସରକୁ ସମ୍ପୂର୍ଣ୍ଣ ଭେଣ୍ଡିଂ ଜୋନ ମୁକ୍ତ କରିବା ପାଇଁ ଗତ ତା.୨୭।୧୧।୨୪ରିଖରେ ଆର୍‌ଏମ୍‌ପି ପକ୍ଷରୁ ଅଭିଯାନ ଆରମ୍ଭ କରାଯାଇଥିଲା। ଏହାର ପ୍ରତିବାଦରେ ସ୍ଥାନୀୟ ଭେଣ୍ଡିଂ ଜୋନ ଦୋକାନୀ ଓ ପ୍ରଶାସନ ମଧ୍ୟରେ ପ୍ରବଳ ହଟ୍ଟଗୋଳ ମଧ୍ୟ ହୋଇଥିଲା। ଏହି ସମୟରେ କିଛି ଭାଜପା ନେତା ଏଥିରେ ମଧ୍ୟସ୍ଥତା କରି ଭେଣ୍ଡିଂ ଜୋନ ଦୋକାନୀ ଓ ପ୍ରଶାସନ ମଧ୍ୟରେ ଚାଲିଥିବା ଆରୋପ ପ୍ରତ୍ୟାରୋପକୁ ରୋକିଥିଲେ। ଏହାପରେ ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଗଲା, ପାୱାର ହାଉସ ପାର୍କିଂ ଜୋନ ପାର୍ଶ୍ୱ ମୁଖ୍ୟରାସ୍ତା ଉପରେ ଦୈନିକ ଶହ ଶହ ଟ୍ରକ ପାର୍କିଂ କରାଯାଉଛି। ଯାହା ସମ୍ପୂର୍ଣ୍ଣ ବେଆଇନ। ଏଣୁ ଲୋକମାନଙ୍କ ସୁଗମ ଯାତାୟାତ ପାଇଁ ଏହାକୁ ହଟାଇବା ଜରୁରୀ ହୋଇପଡ଼ିଛି। ଏଣୁ ଆଗକୁ ଏଠାରେ ଟ୍ରକ୍ ପାର୍କିଂ କରାଯିବ ନାହିଁ। ରାସ୍ତାରେ ବେଆଇନ ଟ୍ରକ୍ ପାର୍କିଂ ଯୋଗୁ ସାଧାରଣ ଲୋକଙ୍କ ଯାତାୟାତରେ ନାନା ସମସ୍ୟା ହେବା ସହ ଟ୍ରାଫିକ ଜାମ୍ ପରିସ୍ଥିତି ଜଟିଳ ହେଉଛି। ଏଥିପ୍ରତି ଧ୍ୟାନ ଦେବାକୁ ପ୍ରଶାସନ ପକ୍ଷରୁ ଦୋକାନୀମାନଙ୍କୁ ସୂଚିତ କରାଯିବା ସହ ସେମାନଙ୍କ ପେଟପାଟଣା ପାଇଁ ରୋଜଗାରକୁ ସହମତି ପ୍ରଦାନ କରାଯାଇଥିଲା। ଅନ୍ୟପଟେ ପାର୍କିଂ ଜୋନକୁ ସମ୍ପୂର୍ଣ୍ଣ ଭାବେ ଟ୍ରକ୍ ପାର୍କିଂ ଜୋନ ମୁକ୍ତ କରାଯିବା ସହ କେବଳ ଦୁଇଚକିଆ ଓ ଚାରିଚକିଆ ଯାନ ରହଣି କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ଉକ୍ତ ସ୍ଥାନରେ ବେଆଇନ ଭାବେ ଟ୍ରକ୍ ପାର୍କିଂ କରାଯାଇଥିଲା। ଏବେ ବେଆଇନ ଟ୍ରକ୍ ପାର୍କିଂ କି ଫୁଟ୍‌ପାଥ୍ ଜବରଦଖଲ ହଟୁନାହିଁ। ଅନ୍ୟପଟେ ଆରଏମ୍‌ସି ଏ ଦିଗରେ ନିଦାବିଷ୍ଟୁ ସାଜିଛି।

ଏ ନେଇ ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବା ଜରୁରୀ ବୋଲି ଦାବି ହେଉଛି। ଏ ନେଇ ଆର୍‌ଏମ୍‌ସି ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ ସେ କହିଲେ, ପାୱାର ହାଉସ ଭେଣ୍ଡିଂ ଜୋନ୍ ଆର୍‌ଏସ୍‌ପି ଅଧୀନରେ ରହିଛି। ଏହି ପରିସର କେବଳ ୨ଚକିଆ ଓ ଚାରିଚକିଆ ଯାନ ରହଣୀ ପାଇଁ ରହିଛି। ମାତ୍ର କିଛି ଲୋକ ବେଆଇନ ଭାବେ ଭେଣ୍ଡିଂ ଜୋନ ଓ ପାର୍କିଂ ସ୍ଥଳକୁ ଜବରଦଖଲ କରିଛନ୍ତି। ଏଣୁ ଆଗକୁ ଏହା ସମ୍ପୂର୍ଣ୍ଣ ଭାବେ ଟ୍ରକ୍ ପାର୍କିଂ ମୁକ୍ତ କରାଯିବ। କେବଳ ଦୁଇ ଓ ଚାରିଚକିଆ ଯାନ ରହଣି ପାଇଁ ବ୍ୟବସ୍ଥା ହେବ ବୋଲି କୁଲକର୍ଣ୍ଣୀ କହିଥିଲେ।

# ଆର୍‌ଏସ୍‌ପିକୁ ଗ୍ଲୋବାଲ ସୁରକ୍ଷା ପରିବେଶ ପୁରସ୍କାର

**ରାଉରକେଲା,୧୪।୨(ବିପ୍ଳବ ରଞ୍ଜନ ଦାଶ)** ନୂଆଦିଲ୍ଲୀଠାରେ ଗତ ୧୨ ତାରିଖରେ ଆୟୋଜିତ ଗ୍ଲୋବାଲ କ୍ଲିନ ଏନର୍ଜି ସମ୍ମିଳନୀ-୨୦୨୫ରେ ଆରଏସ୍‌ପିକୁ ଏକାଧିକ ପୁରସ୍କାର ପ୍ରଦାନ କରାଯାଇଛି। ଏଥିରେ ଆର୍‌ଏସ୍‌ପିର ତରଫରୁ ଅଗ୍ନିଶମ ଏବଂ ସୁରକ୍ଷା ବିଭାଗର ସିଜିଏମ ସୁଶ୍ରୀ ଆଶା ଏସ୍. କାର୍ଥା, ପରିବେଶ ଇଞ୍ଜିନିୟରିଂ ବିଭାଗର ଜିଏମ୍ ଇନ୍‌ଚାର୍ଜ ପି. ସି ଦାଶ, ଏସ୍‌ପି-୩ ବିଭାଗ ବରିଷ୍ଠ ପରିଚାଳକ ଶିବମ ସିଂହଙ୍କୁ ଗ୍ଲୋବାଲ ସୁରକ୍ଷା ପୁରସ୍କାର-୨୦୨୫ ଏବଂ ଗ୍ଲୋବାଲ ପରିବେଶ ପୁରସ୍କାର-୨୦୨୫ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ୨୦୨୫ ପାଇଁ ସୁଶ୍ରୀ କାର୍ଥାଙ୍କୁ ଗ୍ଲୋବାଲ ଏଚ୍‌ଏସ୍‌ଇ ମହିଳା ଲିଡର ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା। ଏହି ପ୍ରତିନିଧିଗଣ ଅନ୍ତର୍ଜାତୀୟ ସୋଲାର ଆଲାଏନ୍ସ ମହାନିର୍ଦ୍ଦେଶକ ଡକ୍ଟର ଅଜୟ ମାଥୁରଙ୍କ ଉପସ୍ଥିତିରେ ଭାରତର ପୂର୍ବତନ ନିର୍ବାଚନ କମିଶନର ଅଶୋକ ଲାଭାସାଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ।

ଉଲ୍ଲେଖନୀୟ, ଆର୍‌ଏସ୍‌ପି ଆରମ୍ଭରୁ ଅତ୍ୟାଧୁନିକ ପରିବେଶ ଅନୁକୂଳ ଇସ୍ପାତ ତିଆରି ପ୍ରଯୁକ୍ତିବିଦ୍ୟାକୁ କ୍ରମଶ ଗ୍ରହଣ କରିଆସୁଛି। ଆରଏସ୍‌ପି ଅନ୍‌ଲାଇନ ଇଫ୍ଲୁଏଣ୍ଟ ଗୁଣବତ୍ତା ମନିଟରିଂ ସିଷ୍ଟମ ମାଧ୍ୟମରେ କଠୋର ମନିଟରିଂ ଏବଂ ନିୟନ୍ତ୍ରଣ ମାନଦଣ୍ଡକୁ ପାଳନ କରିବା ସହ ସମସ୍ତ ଅନଲାଇନ ମନିଟରିଂ ସିଷ୍ଟମ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ କେନ୍ଦ୍ରିୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସର୍ଭର ସହ ସୁଗମ ଭାବେ ସଂଯୁକ୍ତ କରାଯାଉଛି। ପରିବେଶଗତ ପରିଚାଳନା ପ୍ରତି ପ୍ରତିବଦ୍ଧତା ଜାରି ରଖି ଆରଏସପି ସକ୍ରିୟ ଭାବେ ଏକ ମହତ୍ୱାକାଂକ୍ଷୀ ଜିରୋ ଲିକ୍ୱିଡ ଡିସ୍‌ଚାର୍ଜ ପ୍ରକଳ୍ପକୁ ଅନୁସରଣ କରୁଛି। ସୁରକ୍ଷା କ୍ଷେତ୍ରରେ ଆରଏସପି ରୋଡ୍ ଶୋ, ସୁରକ୍ଷା ରଥ, ଅଗ୍ନି ନିରାପତ୍ତା ତାଲିମ ମାଧ୍ୟମରେ ବ୍ୟାପକ ଅଗ୍ନି ନିରାପତ୍ତା ମାଧ୍ୟମରେ ବ୍ୟାପକ ସଚେତନତା ସୃଷ୍ଟି କରିଛି। ସମସ୍ତଙ୍କ ପାଇଁ ଏକ ସୁରକ୍ଷିତ କର୍ମକ୍ଷେତ୍ର ସୁନିଶ୍ଚିତ କରିବା ପାଇଁ ପ୍ଲାଣ୍ଟ ଭିତରେ ବିଭିନ୍ନ ଡିଜିଟାଲ ପଦକ୍ଷେପ ନିଆଯାଇଛି। ଜରୁରୀଗତ ପ୍ରସ୍ତୁତି ମକ୍ ଡ୍ରିଲ, ସଡକ ସୁରକ୍ଷା ସଚେତନତା ପାଇଁ ମାନବଶୃଙ୍ଖଳ, ଏଏନ୍‌ପିଆର/ଆରଏଲଭିଡି ସିଷ୍ଟମ ଇତ୍ୟାଦି ହେଉଛି ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଅନ୍ୟ ପ୍ରମୁଖ ପଦକ୍ଷେପ।




ଆର୍‌ଏସ୍‌ପି ଅଧିକାରୀଙ୍କୁ ଗ୍ଲୋବାଲ ପୁରସ୍କାର ପ୍ରଦାନ କରାଯାଉଛି।

# ସଂସ୍କୃତ ସାହିତ୍ୟ ଭାରତୀୟ ଆଧ୍ୟାତ୍ମିକବାଦର ପୃଷ୍ଠଭୂମି



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

**ରାଉରକେଲା,୧୪।୨(ବିପ୍ଳବ ରଞ୍ଜନ ଦାଶ)**

ବେଦବ୍ୟାସସ୍ଥିତ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟର ୪୦ବର୍ଷ ପୂର୍ତ୍ତି ଅବସରରେ ଗୁରୁବାର ଏକ ଜାତୀୟ ଆଲୋଚନାଚକ୍ର କଲେଜ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ଉମାକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀକୁ ମଣିପୁର ଜାତୀୟ ସଂସ୍କୃତ କଲେଜର ଅଧ୍ୟକ୍ଷ ଡକ୍ଟର ବୁଦ୍ଧେଶ୍ୱର ଷଡଙ୍ଗୀ ଉଦ୍‌ଘାଟନ କରିଥିଲେ। ସଂସ୍କୃତ ହେଉଛି ସଂହତିର ଭାଷା। ଭାଷା, ରାଷ୍ଟ୍ର ନିର୍ମାଣ ତଥା ସାମାଜିକ ଉତ୍‌ଥାନ ହେଉଛି ସଂସ୍କୃତ ଶିକ୍ଷାର ମୂଳ ଉଦ୍ଦେଶ୍ୟ। ସଂସ୍କୃତ ଶିକ୍ଷା ଲାଭ କରିଥିବା ବିଦ୍ୟାର୍ଥୀ ଭାରତୀୟ ସଂସ୍କୃତି, ରାଷ୍ଟ୍ର ନିର୍ମାଣ ଏବଂ ସାମାଜିକ ଉତ୍‌ଥାନରେ ସର୍ବଦା ଯୋଡି ହୋଇ ରହିଥାନ୍ତି ବୋଲି ଷଡ଼ଙ୍ଗୀ କହିଥିଲେ। ଅଧ୍ୟକ୍ଷ ଡକ୍ଟର ପଣ୍ଡା କହିଥିଲେ, ସଂସ୍କୃତ ସାହିତ୍ୟ ହେଉଛି ଭାରତୀୟ ଆଧ୍ୟାତ୍ମିକବାଦର ପୃଷ୍ଠଭୂମି। ବେଦ, ବେଦାନ୍ତ, ମହାଭାରତ, ରାମାୟଣ ତଥା ଜ୍ୟୋତିଷ ଶାସ୍ତ୍ରର ମୂଳ ଭାଷା ମଧ୍ୟ ସଂସ୍କୃତ ବୋଲି ସେ କହିଥିଲେ। ଆଲୋଚନାଚକ୍ରରେ ଡକ୍ଟର କାଳୀକିଙ୍କର ପଣ୍ଡା, ଡକ୍ଟର ପରମେଶ୍ୱର ଶତପଥୀ, ଡକ୍ଟର କେଦାର ନାଥ ପାଢୀ ଓ ସୁରେଶ ଚନ୍ଦ୍ର ଭୋଇ ସମ୍ମାନୀତ ବକ୍ତା ଭାବେ ବକ୍ତବ୍ୟ ଦେଇଥିଲେ। ସମ୍ମିଳନୀ ପ୍ରାରମ୍ଭରେ ଶିବ ପ୍ରସାଦ ପାଠୀ ବେଦମନ୍ତ୍ର ପଠନ ପୂର୍ବକ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଶ୍ୟାମମାଳା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ପରେ କଲେଜର ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ପରୀକ୍ଷଣ ପ୍ରୟୋଗଶାଳାକୁ ନେଇ ସଚେତନତା କାର୍ଯ୍ୟକ୍ରମ

**ରାଉରକେଲା,୧୪।୨(ବିପ୍ଳବ ରଞ୍ଜନ ଦାଶ)**

ରାଷ୍ଟ୍ରୀୟ ପରୀକ୍ଷଣ ଓ ଅଂଶଶୋଧନ ପ୍ରୟୋଗଶାଳା ପ୍ରତ୍ୟର୍ପଣ ବୋର୍ଡ ଏବଂ ଓଡ଼ିଶା ସହସଂଯୋଗୀ କ୍ଷୁଦ୍ର ମଧ୍ୟମ ପ୍ରାଦ୍ୟୋଗ କେନ୍ଦ୍ର ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ସିଭିଲ ଟାଉନଶିପ୍‌ରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରରେ ପ୍ରୟୋଗ ହେଉଥିବା ଉପାଦନ ଅଂଶଗୁଡ଼ିକର ପରୀକ୍ଷଣ ଓ ଶୋଧନ ପାଇଁ ଅତି ଜରୁରୀ ଥିବା ପ୍ରୟୋଗଶାଳା କର୍ମୀ, ପ୍ରାଦ୍ୟୋଗିକ ଶିକ୍ଷା, ଏମ୍‌ଏସ୍‌ଏମ୍‌ଇ, ସ୍ୱାସ୍ଥ୍ୟ ସେବା, ନିର୍ମାଣଗତ ବିଧେୟ ସହିତ ଗୃହ ଓ ରାସ୍ତା ନିର୍ମାଣରେ ପ୍ରୟୋଗ ହେଉଥିବା ଉପାଦନଗୁଡ଼ିକର ପରୀକ୍ଷଣ ଏବଂ ଅଂଶଶୋଧନ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଉକ୍ତ ସମସ୍ତ କ୍ଷେତ୍ରରେ ପ୍ରୟୋଗ ହେବାକୁ ଥିବା ଉପାଦାନଗୁଡ଼ିକର ସଠିକ ଗୁଣବତ୍ତା ପରୀକ୍ଷଣ ଓ ଆକଳନ କରିବା ନେଇ ରହିଥିବା ବିଭିନ୍ନ ଉପାଦେୟ ବିଧେୟ ଉପରେ ଅଧିକାରୀମାନେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଓଏସ୍‌ଏମ୍‌ଇ ରାଉରକେଲା ଚାପ୍ଟରର ଜିଲା ସମ୍ପାଦକ ସନ୍ଦୀପ ପଲ, ସଭାପତି ରଜତ ପଟ୍ଟନାୟକ, ସୁନ୍ଦରଗଡ ଡିଆଇପିଏ ଦଳୀୟ ମୁଖ୍ୟ ସୁବାଶିଷ ରାଉତ, ଏନ୍‌ଏବିଏଲ୍ ନିର୍ଦ୍ଦେଶିକା ମଳଂଚା ଦାସ, ରାଉରକେଲା ଶିଳ୍ପୋଦ୍ୟୋଗ କେନ୍ଦ୍ର ସାଧାରଣ ପରିଚାଳକ ସ୍ମୃତିରଞ୍ଜନ ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଉପଲକ୍ଷେ ସମ୍ମିଳିତ ଜିଲାର ବିଭିନ୍ନ ପ୍ରାଦ୍ୟୋଗିକ କ୍ଷେତ୍ରୀୟ ଡୋମେନମାନଙ୍କୁ ମାର୍ଗଦର୍ଶନ କରାଯାଇଥିଲା। ମାନ୍ୟତାପ୍ରାପ୍ତ ପରୀକ୍ଷଣ ପ୍ରୟୋଗଶାଳା (ଟେଷ୍ଟିଂ ଲାବ୍ରୋଟୋରୀ) ଉପରେ ବିଶ୍ୱାସ ବଢାଇବା, ମାନ୍ୟତାପ୍ରାପ୍ତ ପ୍ରୟୋଗଶାଳା ଦ୍ୱାରା ପରୀକ୍ଷିତ ଉପାଦାନ ଆବଶ୍ୟକ କ୍ଷେତ୍ରରେ ସାର୍ବଜନୀନ ହିତସାଧନ ପାଇଁ ବହୁମାତ୍ରାରେ ପ୍ରୟୋଗ ହୋଇଥାଏ। ଏହାଦ୍ୱାରା ଘରୋଇ ବଜାର ସହିତ ଅନ୍ତର୍ଜାତୀୟ ବଜାରରେ ମଧ୍ୟ ବିଶେଷ ଚାହିଦା ସୃଷ୍ଟି କରେ ବୋଲି ଅଧିକାରୀମାନେ ଡୋମେନମାନଙ୍କୁ କହିଥିଲେ। ଶେଷରେ ନିର୍ଦ୍ଦେଶିକା ମଂଚଳା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ଅଧିକାରୀଙ୍କ ସହିତ ଡୋମେନମାନେ।

# ଆଜି ଶାସ୍ତ୍ରୀୟ ନୃତ୍ୟ ସଙ୍ଗୀତ କାର୍ଯ୍ୟକ୍ରମ

**ରାଉରକେଲା,୧୪।୨(ସଙ୍ଗୀତା ଜେନା)**

ରାଉରକେଲା ନୃତ୍ୟ ମଧୁରମ ଏବଂ ବାଙ୍ଗାଲୋର ଅଲାପଦ୍ମ ସେଣ୍ଟର ଅଫ୍ ଡ୍ୟାନ୍ସ ଆଣ୍ଡ୍ ରିସର୍ଚ୍ଚର ମିଳିତ ଆନୁକୂଲ୍ୟରେ ଦ୍ୱିଦିବସୀୟ ଅନ୍ତର୍ଜାତୀୟ ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ସେକ୍ଟର-୧୯ ସିଭିକ୍ ସେଣ୍ଟରରେ ଶନିବାର ଓ ରବିବାର ଦୁଇଦିନ ଧରି ଆୟୋଜନ ହେବ। ଏ ନେଇ ଶୁକ୍ରବାର ସନ୍ଧ୍ୟା ୭ଟାରେ ସେକ୍ଟର-୨୦ ରାଉରକେଲା କ୍ଲବରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ନୃତ୍ୟ ମଧୁରମ୍‌ର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଗୁରୁ ସୁବ୍ରତ ଭୂୟାଁ ଓ ଅଲାପଦ୍ମର ନିର୍ଦ୍ଦେଶିକା ଚନ୍ଦ୍ରିକା ମହାପାତ୍ରଙ୍କ ଆୟୋଜନରେ ହେବାକୁ ଥିବା କାର୍ଯ୍ୟକ୍ରମରେ ଭାରତର ବିଭିନ୍ନ ପ୍ରାନ୍ତରୁ ଖ୍ୟାତିସମ୍ପନ୍ନ କଳାକାରମାନେ ଅଂଶଗ୍ରହଣ କରିବେ। କାର୍ଯ୍ୟକ୍ରମରେ ଭୁବନେଶ୍ୱରରୁ ମୀନାକ୍ଷୀ ବେହେରା, ଶିଲ୍ପା ଦାସ, ଅନା ମହାନ୍ତି, ଜାହ୍ନବୀ ବେହେରା, ରାହୁଲ ଆଚାର୍ଯ୍ୟ, କୋଲକୋତାରୁ ରୋହିତ ଝା, ସୋମା ମଣ୍ଡଳ, ଅତନୁ ଦାସ, ଦେବ ବଳଦେବ ଜେନା, କୌଶିକ ସାଓ, ବାଙ୍ଗାଲୋରରୁ ସ୍ମୃତି ମୋହନ, ଢେଙ୍କାନାଳରୁ ଗୌରୀଶଙ୍କର ଦାସ, ପୁରୀରୁ ଯଶୋବନ୍ତ ଜେନା, ରୂପଶ୍ରୀ ମହାପାତ୍ର ପ୍ରମୁଖ କଳାକାର ନିଜର କଳା ପ୍ରଦର୍ଶନ କରିବେ ବୋଲି ଭୂୟାଁ ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ପ୍ରତୀକ୍ଷା ଦାସ, ଅମିତ ମିଶ୍ର, ଲୁସି ଦାସ, ଅମ୍ରିତ ନିଲମ, କଲ୍ୟାଣୀ ଦାସ, ଅବିନାଶ ରାଉତ, ସନକ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଆୟୋଜକ ସୂଚନା ଦେଉଛନ୍ତି।

# ଶ୍ରମିକ ନେତାଙ୍କ ପୁଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି

**ରାଉରକେଲା,୧୪।୨(ଦିନେଶ ମିଶ୍ର)**


ବିଶିଷ୍ଟ ଗାନ୍ଧୀବାଦୀ ସଂଗ୍ରାମୀ, ପ୍ରାକ୍ତନ ସାଂସଦ, ବିଧାୟକ ଓ ବରିଷ୍ଠ ଶ୍ରମିକ ନେତା ସ୍ୱର୍ଗତ ଧନଞ୍ଜୟ ମହାନ୍ତିଙ୍କ ୩୪ତମ ତିରୋଧାନ ଦିବସରେ ଧନଞ୍ଜୟ ମହାନ୍ତିଙ୍କ ସ୍ମୃତି ଟ୍ରଷ୍ଟ ପକ୍ଷରୁ ସିଭିଲଟାଉନଶିପ୍ ସ୍ମୃତି ଉଦ୍ୟାନରେ ଏକ ଶ୍ରଦ୍ଧାଞ୍ଜଳି ସଭା ଶୁକ୍ରବାର ସକାଳ ସାଢେ ୯ଟାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦିକା ପୁଷ୍ପା ଲେଙ୍କାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାକୁ ଟ୍ରଷ୍ଟର ବରିଷ୍ଠ ସଦସ୍ୟ ନରେନ୍ଦ୍ର ବଳ ସଂଯୋଜନା କରିଥିଲେ। ଏଥିରେ ବରିଷ୍ଠ ଶ୍ରମିକ ନେତା ପ୍ରଶାନ୍ତ କୁମାର ବେହେରା, ଓକିଲ ସଂଘ ସଭାପତି ସଦାନନ୍ଦ ସାହୁ, ରାଜନେତା ବିରେନ ସେନାପତି, ଗଗନ ପଣ୍ଡା, ସମାଜସେବୀ ସୁନିଲ କୟାଲ, ଛବି ମହାନ୍ତି ପ୍ରମୁଖ ସ୍ୱର୍ଗତ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଟ୍ରଷ୍ଟି ଚନ୍ଦ୍ରଶେଖର ପାଢୀ, ବାସୁଦେବ ବାନାର୍ଜୀ, କୀର୍ତ୍ତନ ଦାସ, ବିନୋଦ ରାଉତ, ବାନାମ୍ବର ମହାନ୍ତି, ଭାରତୀ ବାହାରୀ, ରାଜୀବ ସିଂଙ୍କ ସମେତ ସହରର ବହୁ ବିଶିଷ୍ଟ ବ୍ୟକ୍ତି, ମହିଳା, ସମାଜସେବୀ ଉପସ୍ଥିତ ଥିଲେ। ମ୍ୟାନେଜିଂ ଟ୍ରଷ୍ଟି ଶୈଳେନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



ଶ୍ରମିକ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

# ମନ ମୋହିଲା ନାଟକ ଚକ୍ରବ୍ୟୂହ, ଆଷାଢ଼ କୀ ଦିନ୍

**ରାଉରକେଲା,୧୪।୨(ବିପ୍ଳବ ରଞ୍ଜନ ଦାଶ)** ଆର୍‌ଏସ୍‌ପି କର୍ମଚାରୀମାନଙ୍କ ଦ୍ୱାରା ଫେବୃଆରୀ ୧୩ତାରିଖରେ ରାଉରକେଲା ସିଭିକ ସେଣ୍ଟରରେ ରାଜଭାଷା ବିଭାଗ ପକ୍ଷରୁ ୨ଟି ନାଟକ ମଞ୍ଚସ୍ଥ ହୋଇଯାଇଛି। ସମାରୋହରେ ଆରଏସ୍‌ପି ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ମୁଖ୍ୟଅତିଥି, ଦୀପିକା ମହିଳା ସଂହତିର ଅଧ୍ୟକ୍ଷା ନମ୍ରତା ବର୍ମା, କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଅନୀଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ.ପି ସିଂହ, ଡିଏମ୍‌ଏସ୍‌ର ଉପାଧ୍ୟକ୍ଷା ରୀତା ରାଣୀ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ। ପ୍ରଦୀପ ପ୍ରଜ୍ୱଳନ ପରେ ଗୁରୁ ଇଏମଏସଡି ବିଭାଗର ଏମଓଏମଟି ଜ୍ୟୋତିର୍ମୟ ଆଚାର୍ଯ୍ୟଙ୍କ ଶ୍ଳୋକପାଠ ମଧ୍ୟରେ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ସମାବେଶକୁ ସମ୍ବୋଧିତ କରି ଆଲୋକ ବର୍ମା ନାଟକଗୁଡ଼ିକ କର୍ମଚାରୀ କଳାକାର ମାନଙ୍କ ପ୍ରତିଭାର ପ୍ରଶଂସା କରିଥିଲେ। ବର୍ମା ଷ୍ଟିଲପ୍ଲାଣ୍ଟ କର୍ମଚାରୀଙ୍କ ସଂଘର୍ଷପୂର୍ଣ୍ଣ ଜୀବନ ସତ୍ତ୍ୱେ କଳା ପ୍ରତି ସେମାନଙ୍କ ଆଗ୍ରହକୁ ପ୍ରଶଂସା କରିଥିଲେ। ଏହାପରେ ପ୍ରଥମ ନାଟକ ଗଣକବି ବୈଷ୍ଣବ ପାଣିଙ୍କ ଦ୍ୱାରା ଲିଖିତ ଏବଂ ସିପି-୨ ବିଭାଗର ଏମଓଏମଟି ପ୍ରଫୁଲ୍ଲ ଚନ୍ଦ୍ର ସେଠୀଙ୍କ ନିର୍ଦ୍ଦେଶିତ ନାଟକ 'ଚକ୍ରବ୍ୟୁହ' ମଞ୍ଚସ୍ଥ ହୋଇଥିଲା। ମହାଭାରତ ଯୁଦ୍ଧରେ ଅର୍ଜୁନଙ୍କ ପୁତ୍ର ଅଭିମନ୍ୟୁଙ୍କ ସାହସିକତା ଓ ଅକୁଣ୍ଠ ବଳିଦାନ ଉପରେ ଏହି ନାଟକ ଆଧାରିତ ଥିଲା। ଏହାପରେ ଦ୍ୱିତୀୟ ନାଟକ 'ଆଷାଢ କା ଏକ ଦୀନ୍' ମଞ୍ଚସ୍ଥ ହୋଇଥିଲା। ନାଟକଟି ସ୍ୱର୍ଗତଃ ମୋହନ ରାକେଶଙ୍କ ଦ୍ୱାରା ରଚିତ ଓ ଅକ୍ସିଜେନ ପ୍ଲାଣ୍ଟ ବିଭାଗର ଏସ୍‌ଓଏସ୍‌ଟି ପରେଶ ରଞ୍ଜନ ମହାନ୍ତୋଙ୍କ ଦ୍ୱାରା ନିର୍ଦ୍ଦେଶିତ ହୋଇଥିଲା। ନାଟକଟି ପ୍ରତୀକାତ୍ମକ ମହାନ ସଂସ୍କୃତ କବି କାଳିଦାସଙ୍କ ମହତ୍ୱାକାଂକ୍ଷା, ପ୍ରେମ, ଭାଗ୍ୟ ଉପରେ ପ୍ରତିପାଦିତ ଥିଲା। ଏହି ଅବସରରେ ସୁଶ୍ରୀ ମିନି ରାୟଙ୍କୁ ରାଜଭାଷା ପ୍ରତି ଥିବା ଦୀର୍ଘକାଳୀନ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। ଆର୍‌ଏସ୍‌ପିର ଲୋକ ସମ୍ପର୍କ ବିଭାଗ ଆସିଷ୍ଟାଣ୍ଟ ମ୍ୟାନେଜର ଜୟଦେବ ମଜୁମଦାର ମଞ୍ଚ ପରିଚାଳନା କରିଥିବା ବେଳେ ବିଭାଗର ଡେପୁଟି ମ୍ୟାନେଜର ଶଶାଙ୍କ ପଟ୍ଟନାୟକ ସମ୍ବର୍ଦ୍ଧନା ସମାରୋହ ସଂଯୋଜନା କରିଥିଲେ। ଲୋକସମ୍ପର୍କ ବିଭାଗର ଏଜିଏମ ସୁଶ୍ରୀ ଲୋଲାଟି ଟପ୍ପୋ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଡେପୁଟି ମ୍ୟାନେଜର ଅନୀଲ ଝା ଧନ୍ୟବାଦ ଅର୍ପଣ କରିଥିଲେ। ନାଟ୍ୟ ସନ୍ଧ୍ୟା କାର୍ଯ୍ୟକ୍ରମ ଜିଏମ୍ (ପିଆର ଓ ସିଓସି) ଅର୍ଚ୍ଚନା ଶତପଥୀଙ୍କ ମାର୍ଗଦର୍ଶନରେ ପିଆର-ରାଜଭାଷା ଦଳ ଦ୍ୱାରା ସଂଯୋଜିତ ହୋଇଥିଲା। ନାଟକ ସନ୍ଧ୍ୟାରେ କାରଖାନାର ବରିଷ୍ଠ ଅଧିକାରୀ, ନାଟ୍ୟପ୍ରେମୀ ଓ କଳାକାରଙ୍କ ପରିବାର ସଦସ୍ୟ ଉପସ୍ଥିତ ଥିଲେ।



ପରିବେଷିତ ନାଟକ 'ଚକ୍ରବ୍ୟୂହ'ର ଏକ ଦୃଶ୍ୟ।

## ସଂକ୍ଷେପରେ

### ଶ୍ରୀକୃଷ୍ଣ ଗୁରୁ ଯଜ୍ଞ ଉଦ୍‌ଯାପିତ



କୋଲାବିରା,୧୪।୨(ଚିନ୍ମୟ କୁମାର ବହିଦାର)

ଝାରସୁଗୁଡ଼ା ଜିଲା କୋଲାବିରା ହରିଜନ ପଡାଠାରେ ଶ୍ରୀକୃଷ୍ଣ ଗୁରୁ ଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ସୋମବାର ଅଧିବାସ ଆରମ୍ଭ ହୋଇ 'ରାମହୋ ଗୋବିନ୍ଦ ରାମ ହେରାମ ହେ ରାମ ରାମ, କୃଷ୍ଣ ଗୁରୁ ହୋଗୋବିନ୍ଦ ହେରାମ ହେ ରାମ ରାମ' ମନ୍ତ୍ର ଉଚ୍ଚାରଣ ହୋଇଥିଲା। ଯଜ୍ଞରେ ସାରୁପଡା, ବାମଣ୍ଡା, ଟିଠେଇଟାଙ୍ଗର, ଗୁଡୁକାବାହାଲ, ବାଇଗଣବୁଡ, ଘୁଘୁରାଗୁଡା, କୋଲାବିରା କୃଷ୍ଣଗୁରୁ ଦଳ ମନ୍ତ୍ର ଉଚ୍ଚାରଣରେ ସହଯୋଗ କରିଥିଲେ। ଲଳିନ୍ଦ୍ର ଗୋଖରା, ଯଶୋଦା ଗୋଖରା କର୍ତ୍ତା କାର୍ଯ୍ୟ ତୁଲାଇଥିବାବେଳେ ଶ୍ରୀକୃଷ୍ଣ ଗାଦି ଗୁରୁ ସିଂହରାଜ ଗୋଖରା ପୂଜକ ଦାୟିତ୍ୱ ତୁଲାଇଥିଲେ। ଦୁଇ ଦିନ ଧରି ଯଜ୍ଞ ପୀଠରେ ପ୍ରବଳ ଭିଡ ହୋଇଥିଲା। ବୁଧବାର ଅପରାହ୍ନରେ ପୂର୍ଣ୍ଣାହୁତି ପରେ ଦଧି ହାଣ୍ଡି ଭଙ୍ଗାଯାଇ କଳସ ବିସର୍ଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ନିରଞ୍ଜନ ମହାନନ୍ଦ, ଜଗ ପଧାନ, ବିକ୍ରମ ଛତ୍ରାନ, ଶିବ କିଷାନ, ରତି କିଷାନ, କୁନୁ ଛଡ଼ିଆ, ଦୁବରାଜ କିଷାନ ପ୍ରମୁଖ ସହଯୋଗ କରିଥିଲେ।

### ଜେଜେମା ଜେଜେବାପା ପୂଜନ ଉତ୍ସବ ପାଳିତ



ଝାରସୁଗୁଡ଼ା,୧୪।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସଦର ବ୍ଲକ ଅନ୍ତର୍ଗତ ପଞ୍ଚପଡା ଶିଶୁ ବିକାଶ ବିଦ୍ୟା ମନ୍ଦିରରେ ଶିଶୁଙ୍କ ଜେଜେମା ଜେଜେବାପା ପୂଜନ ଉତ୍ସବ ଶୁକ୍ରବାର ମଧ୍ୟାହ୍ନ ୧୨ଟାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପଣ୍ଡିତ ଲଳିତ ମୋହନ ମିଶ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ମମତା ସିଂହ, ସମ୍ପାଦକ ଦିଗାମ୍ବର ମାଝି, କୋଷାଧ୍ୟକ୍ଷ ପ୍ରିୟଙ୍କା ସାହୁ ମଞ୍ଚାସୀନ ଥିଲେ। ବିଦ୍ୟାଳୟ ବରିଷ୍ଠ ଆଚାର୍ଯ୍ୟ ମନ୍ଦାକିନୀ ମାକର ଅତିଥିଙ୍କ ପରିଚୟ ରଖିଥିଲେ। ସମ୍ପାଦକ ମାଝି ସ୍ୱାଗତ ଅଭିଭାଷଣରେ ଜେଜେମା ଜେଜେବାପାଙ୍କ ସହିତ ଶିଶୁଙ୍କୁ ଆଜି ର ଦିନରେ ଏକାଠି କରିବା ଆମ ଓଡ଼ିଆ ସଂସ୍କୃତିର ମୂଳ ଲକ୍ଷ୍ୟ ବୋଲି କହିଥିଲେ। ମୁଖ୍ୟଅତିଥି ମିଶ୍ର ଚାରିବେଦ ଓ ପଦ୍ମ ପୁରାଣ ଉପରେ ନିଜର ଅଭିଭାଷଣ ରଖିବା ସହିତ ଗ୍ରାହ୍ୟସ୍ଥ୍ୟ ଜୀବନରେ ପଦ୍ମ ପୁରାଣର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ଜେଜେମା ଜେଜେବାପାଙ୍କ ମଧ୍ୟରେ ରେବତୀ ପରିଡ଼ା, ଜୟ ଶଙ୍କର ପଟେଲ, ତୋଷମତି ପଟେଲ, ପୁଷ୍ପଲତା ପଟେଲ, ସୁଭାଷ ଚନ୍ଦ୍ର ପଟେଲ, କେତକୀ ମଗର, ପାଙ୍କଜିନୀ ନଇ, ଭୂମିସୂତା ବେହେରା, ଗଗନ ଗଉଡ, ତନୁ ଜେନା, ପୁତୁଲି ଦେବୀ, କଜ୍ଜ୍ୱଳ କଣ୍ଡା ପ୍ରମୁଖ ଜେଜେମା ଜେଜେବାପା ଉପସ୍ଥିତ ରହିଥିଲେ। ପୂଜନ ଉତ୍ସବ ଚନ୍ଦ୍ରିକା କିଶାନ, ଝରଣା ସାହୁ, ବୀଣାପାଣି ପ୍ରଧାନ ପରିଚାଳନା କରିଥିବା ବେଳେ ତାରିଣୀ ପ୍ରିୟା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

### ନୂତନ ବିଡିଓଙ୍କୁ ଭାଜପା ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା

ଦେବଗଡ଼,୧୪।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ ନୂତନ ବିଡିଓ ଭାବେ ଡାକ୍ତର ସିଦ୍ଧେଶ୍ୱର ନାୟକ କାର୍ଯ୍ୟରେ ଯୋଗଦେଇଥିବା ବେଳେ ଭାଜପା ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଜିଲା ଭାଜପା ଉପସଭାପତି ତଥା ସମ୍ବଲପୁର ଲୋକ ସଭା ସଦସ୍ୟଙ୍କ ବାରକୋଟ ବ୍ଲକ ପ୍ରତିନିଧି ହରମୋହନ ପାଣି, ଜିଲା ଭାଜପା ଉପସଭାପତି ଭାରତ ଭୂଷଣ ପ୍ରଧାନ, ଭାଜପା ବାରକୋଟ ମଣ୍ଡଳ ସଭାପତି ପ୍ରଭାତ କୁମାର ସାହୁ, ଭାଜପା କଲା ମଣ୍ଡଳର ପୂର୍ବତନ ସଭାପତି ଝସକେତନ ପଲେଇ, ତୋଫାନ ସାହୁ, ଗିରୀଧାରୀ ସାହୁ ଓ ସୁରେନ୍ଦ୍ର ସାହୁ ପ୍ରମୁଖ ବ୍ଲକ କାର୍ଯ୍ୟାଳୟରେ ନୂତନ ବିଡିଓ ନାୟକଙ୍କୁ ସାକ୍ଷାତ କରିବାସହ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି ଅବସରରେ ସେମାନେ ନୂତନ ବିଡିଓଙ୍କ ସହିତ ବାରକୋଟ ବ୍ଲକର ସାମଗ୍ରୀକ ବିକାଶ ଉପରେ ମଧ୍ୟ ଆଲୋଚନା କରିଥିଲେ।

# ୫୨ଟି ନୂତନ ପଡ଼ାଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା

ଝାରସୁଗୁଡ଼ା,୧୪।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାର ୫୨ଟି ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବା ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ କରାଯାଇଥିବା ସୁପାରିସକୁ ଓଡ଼ିଶା ସରକାରଙ୍କ ରାଜସ୍ୱ ପର୍ଷଦ ପକ୍ଷରୁ ଅନୁମୋଦନ କରାଯାଇଛି। ଏକ କାଳୀନ ଏତେଗୁଡ଼ିଏ ପଡାଗ୍ରାମ ରାଜସ୍ୱ ଗ୍ରାମର ମାନ୍ୟତା ପାଇବା ଜିଲା ପ୍ରଶାସନ ପାଇଁ ଏକ ବଡ଼ ସଫଳତା। ନୂଆ ରାଜସ୍ୱ ଗ୍ରାମ ସୃଷ୍ଟି ନିମନ୍ତେ ଜିଲାରେ ମୋଟ ୧୩୮ଟି ପଡ଼ା ଗ୍ରାମକୁ ଚିହ୍ନଟ କରାଯାଇଥିଲା। ଏଥି ମଧ୍ୟରୁ ୨୨ଟି ପଡ଼ା ଗ୍ରାମକୁ ୨୦୧୬-୧୭ରେ ରାଜସ୍ୱ ଗ୍ରାମ ରୂପେ ମାନ୍ୟତା ପ୍ରଦାନ କରାଯାଇଥିଲା। ବର୍ତ୍ତମାନ ରାଜସ୍ୱ ପର୍ଷଦ ଜିଲାର ଆଉ ୫୨ଟି ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ କରିଛନ୍ତି। ସେଥି ମଧ୍ୟରୁ ଲଖନପୁର ତହସିଲର ୧୯ଟି, କୋଲାବିରାର ୧୦ଟି, କିର୍ମିରାର ୧୦ଟି, ଲଇକେରାର ୧୧ଟି ଓ ଝାରସୁଗୁଡା ତହସିଲର ୨ଟି ପଡ଼ା । ନୂତନ ରାଜସ୍ୱ ଗ୍ରାମଗୁଡିକ ମଧ୍ୟରେ ଲଖନପୁର ତହସିଲର ଫଟ୍ଟାପାଲି, ନୂଆଭେଜିକୁଦ, ସୁନାରୀ, ସେନାମାଲ, ଖମାରଡ଼ିହି, ପଣ୍ଡାଟିକ୍ରା, ଗୁଣ୍ଡୁଲିମାଲ, ଖାଲିଆପାଲି, ବେହେରାପଡା, ବିରେନବନ୍ଧ, ପତ୍ରାପାଲି, ଝର୍କଟାପାଲି, ଅଇଁଲାଝରଣ, ଭଇଁସୁମୁଡ଼ା, ସେଦେରା, ବାନ୍ଦିପାହାଡ଼, ଜୁନିଆଁ, ବେହେରାଗୁଡା ଓ ବେଜିବନ୍ଧ ଅନ୍ତର୍ଭୁକ୍ତ। ସେହିପରି କୋଲାବିରାର ବୁଚାମୁଣ୍ଡା, କାଳିବାହାଲ, ଦବକା, ବଡ଼ା ମୁଣ୍ଡା, ଜଗଲାଡ଼ିହି, ମାଲିଡ଼ିହି, ଭୀମଜୋର, ଘଣ୍ଟାମାଳ, ପାଡଙ୍ଗାଡ଼ିହି ଓ ଚାନ୍ଦିନୀମାଲ ଅନ୍ତର୍ଭୁକ୍ତ। କିର୍ମିରା ତହସିଲର ଜାମକାନି, ଜୁନାପାଲି, ଶରଧାପାଲି, ଧୂଳିବାହାଲ, ଶଙ୍କରବାହାଲ, ବେହେରାମାଲ, ରଙ୍ଗିଆଟିକ୍ରା, ମାଲିଦେଉଁରା, ଗୁଜାପଡା ଓ କଣ୍ଟାପାଲି, ଲଇକେରା ତହସିଲର ଭୁଲିଆଡ଼ିହି, ବାଗଡ଼ିହି, କେଁଡିହି, ରେଙ୍ଗାଲି, କୁମେରଡ଼ିହି, ଝରିଆ ବାହାଲ, କୁମ୍ଭାରୀ, ଜାମଡିହି, ହୁଡୁକୁଡିହି, ଠାକୁରପଡା ଓ ରଙ୍ଗିଆଟିକ୍ରା ଅନ୍ତର୍ଭୁକ୍ତ। ସେହିପରି ଝାରସୁଗୁଡ଼ା ତହସିଲର ହରେକୃଷ୍ଣପୁର ଓ ଖମନଟିକ୍ରା ନୂତନ ରାଜସ୍ୱ ଗ୍ରାମ ଭାବେ ମାନ୍ୟତା ପାଇଛି। କୋଲାବିରା ଓ ଲଇକେରାର ଆହୁରି ୫ଟି ନୂତନ ଗ୍ରାମ ପ୍ରସ୍ତାବ ଜିଲାସ୍ତରରେ ବିଚାରାଧୀନ ଅଛି। ରାଜସ୍ୱ ଗ୍ରାମ ପାଇଁ ଯୋଗ୍ୟତା ଥିବା ସମସ୍ତ ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମ ରୂପେ ଚିହ୍ନଟ କରି ନୂଆ ପ୍ରସ୍ତାବ ଦାଖଲ ନିମନ୍ତେ ତହସିଲଦାରମାନଙ୍କୁ ନିର୍ଦ୍ଦେଶ କରାଯାଇଛି। ନୂତନ ଭାବେ ଅନୁମୋଦିତ ହୋଇଥିବା ରାଜସ୍ୱ ଗ୍ରାମଗୁଡିକର ନକ୍ସା ଓ ଖତିଆନ ପ୍ରସ୍ତୁତି ଖୁବ ଶୀଘ୍ର ଆରମ୍ଭ କରାଯିବ ବୋଲି ଅତିରିକ୍ତ ଜିଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ ପ୍ରକାଶ କରିଛନ୍ତି। ନୂତନ ରାଜସ୍ୱ ଗ୍ରାମର ଅଧିବାସୀମାନଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଶୁଭେଚ୍ଛା ଜଣେଇବା ସହିତ ସମସ୍ତ ରାଜସ୍ୱ କ୍ଷେତ୍ର କର୍ମଚାରୀଙ୍କୁ ସେମାନଙ୍କ ଉଦ୍ୟମ ଓ ଅବଦାନ ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ପ୍ରଶଂସା କରାଯାଇଛି।




ସଡକ ସୁରକ୍ଷା ଏବଂ ମୋଟର ଦୁର୍ଘଟଣା ଓ ତଜ୍ଜନିତ ଦାବି ସମ୍ବନ୍ଧୀୟ ଆୟୋଜିତ ସଚେତନତା କାର୍ଯ୍ୟକ୍ରମ।

## ସଡ଼କ ସୁରକ୍ଷା, ମୋଟର ଦୁର୍ଘଟଣା ଆଇନ ସମ୍ପର୍କିତ ସଚେତନତା

ଦେବଗଡ଼,୧୪।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ପରିବହନ ବିଭାଗ ଓ ପୋଲିସ ସହାୟତାରେ ସ୍ଥାନୀୟ ବିର୍ସା ମୁଣ୍ଡା ଛକଠାରେ ଶୁକ୍ରବାର ସଡକ ସୁରକ୍ଷା ଏବଂ ମୋଟର ଦୁର୍ଘଟଣା ଓ ତଦଜନିତ ଦାବି (ଏମ୍‌ଏସିଟି)ସମ୍ବନ୍ଧୀୟ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧିକରଣର ସମ୍ପାଦିକା ଅପୂର୍ବା ଚୌଧୁରୀଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଦେବଗଡ଼ ଆଞ୍ଚଳିକ ପରିବହନ ଅଧିକାରୀ କୈଶବ ଚନ୍ଦ୍ର ନାୟକ, ଏସ୍‌ଡିପିଓ ସୌମ୍ୟରଞ୍ଜନ ମଲ୍ଲିକ, ଦେବଗଡ଼ ଥାନା ଅଧିକାରୀ ସରୋଜ କୁମାରେ ସେଠୀ ଓ ସବ ଇନ୍ସପେକ୍ଟର ଦିବ୍ୟ କୁମାର ଓରାମଙ୍କ ନେତୃତ୍ୱରେ ରାସ୍ତାରେ ଯାତାୟାତ କରୁଥିବା ଯାନବାହନଗୁଡିକ ଯାଞ୍ଚ କରାଯିବା ସହ ଚାଳକ ଓ ମାଲିକମାନଙ୍କୁ ସଡକ ସୁରକ୍ଷା ଆଇନ ଓ ମୋଟର ଯାନ ଦୁର୍ଘଟଣା ଜନିତ ବୀମାରାଶି ଦାବୀ ସମ୍ପର୍କରେ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ଆଇନ ସେବା ପ୍ରାଧିକରଣ, ପୋଲିସ ବିଭାଗ ଓ ପରିବହନ ବିଭାଗର ବହୁ କର୍ମଚାରୀ ଓ ପାରା ଲିଗାଲ ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରିଥିଲେ।

## କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା

ଝାରସୁଗୁଡ଼ା,୧୪।୨(ଆଶିଷ ରଞ୍ଜନ ଦାଶ)



କ୍ଲଷ୍ଟରସ୍ତରୀୟ ମେଳାରେ ଯୋଗଦେଇଥିବା ଶିକ୍ଷୟିତ୍ରୀଶିକ୍ଷକ।

ଝାରସୁଗୁଡ଼ା ସଦର ବ୍ଲକ ଅନ୍ତର୍ଗତ ଆଞ୍ଚଳିକ ସାଧନ କେନ୍ଦ୍ର ପଞ୍ଚପଡ଼ା ଅଧୀନ ସରକାରୀ ପ୍ରାଥମିକ ବିଦ୍ୟାଳୟ ଝରିଆନାଏର ପ୍ରାଙ୍ଗଣରେ ନିପୁଣ ଓଡ଼ିଶା ମେଳା ଓ ନିପୁଣ ଓଡ଼ିଶା ଲୋଗୋ ଉନ୍ମୋଚନ ଶୁକ୍ରବାର ମଧ୍ୟାହ୍ନ ୧୨ଟାରେ ଆୟୋଜନ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ଶିଶୁ ବିକାଶ ବିଦ୍ୟା ମନ୍ଦିରର ସମ୍ପାଦକ ଦିଗାମ୍ବର ମାଝି, ସଭାପତି ଭାବେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଜୟଶଙ୍କର ପଟେଲ ତଥା ସମ୍ମାନିତ ଅତିଥି ଭାବେ କକ୍ସ କଲୋନୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଫିଲିସିଆ ସୋରେନ ଓ ସରକାରୀ ପ୍ରାଥମିକ ବିଦ୍ୟାଳୟ କଣ୍ଟାମାଲ ପ୍ରଧାନ ଶିକ୍ଷକ ଯୁଧିଷ୍ଠିର ଭୋଇ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ସିଆର୍‌ସିସି ସୂର୍ଯ୍ୟନାରାୟଣ ପରିଚାଳନା କରିଥିଲେ। ଉକ୍ତ ମେଳାରେ ସ୍ଥାନୀୟ କ୍ଲଷ୍ଟର୍‌ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ମେଳାରେ ସ୍ଥାନୀୟ କ୍ଲଷ୍ଟର୍‌ର ପ୍ରତ୍ୟେକ ବିଦ୍ୟାଳୟର ୧୦ଜଣ ଛାତ୍ରୀଛାତ୍ର ଓ ଅଭିଭାବକ ତଥା ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇଥିଲେ। ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ, ସୃଜନୀ ବିଭାଗରେ ମୋଟ ୧୨୦ଟି ଶିକ୍ଷଣ ଉପକରଣ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସମସ୍ତ ବିଭାଗରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ସହ ମାନପତ୍ର ତଥା ସମସ୍ତ ଅଂଶଗ୍ରହଣ କରିଥିବା ପିଲାଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ମେଳାରେ ନିପୁଣ ଓଡ଼ିଶା ଅନ୍ତର୍ଗତ ପିଲାମାନଙ୍କ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସହ ସୃଜନାତ୍ମକ କାର୍ଯ୍ୟକଳାପର ବିକାଶ ଦିଗରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷକ ତଥା ଅଭିଭାବକଙ୍କୁ ପିଲାଙ୍କ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର ବିକାଶ ପାଇଁ ସମସ୍ତଙ୍କ ଯୋଗଦାନ ଲାଗି ଆହ୍ୱାନ କରିଥିଲେ। ସ୍ନିଗଧାରାଣୀ ପଟେଲ ମଞ୍ଚ ପରିଚାଳନା କରିଥିଲେ।

## ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା

ଦେବଗଡ଼,୧୪।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ କଲାସ୍ଥିତ ଉଦ୍ୟାନ ବିଭାଗ ଫାର୍ମଠାରେ ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉଦ୍ୟାନ ବିଭାଗ ସହକାରୀ ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବାରକୋଟ ବ୍ଲକ କୃଷି ଅଧିକାରୀ ଧବଳେଶ୍ୱର ପ୍ରଧାନ, ପ୍ରାଣୀ ଚିକିତ୍ସା ବିଭାଗ ଡାକ୍ତର ରାମରଞ୍ଜନ ପତି, ଜଳ ବିଭାଜିକା ବିଭାଗ ଓ ବାରକୋଟ ବ୍ଲକ ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ସତ୍ୟବ୍ରତ ଜେନା ପ୍ରମୁଖ ଉପସ୍ଥିତ ରହି ନିଜର ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଏବଂ ପ୍ରକଳ୍ପ ଉପରେ ବକ୍ତବ୍ୟ ବଉପସ୍ଥାପନ କରି ଉପସ୍ଥିତ ବାରକୋଟ ବ୍ଲକର ଉଦ୍ୟାନ କୃଷି କର୍ମୀ ଓ ଉଦ୍ୟାନ ସାଥୀ ମାନଙ୍କୁ ସଚେତନ କରିଥିଲେ। ଏହି ଅବସରରେ ବିଭାଗୀୟ ଅଧିକାରୀମାନେ ଡାଲି ଜାତୀୟ ଏବଂ ତୈଳବୀଜ ଶସ୍ୟ, ପନିପରିବା ଚାଷ, ଫୁଲ ଚାଷ, ଛତୁ ଚାଷ ଓ ମସଲା ଜାତୀୟ ଚାଷ, ଗୋପାଳନ, ଛେଳି ପାଳନ ଓ କୁକୁଡା ପାଳନ ସମେତ କୃଷି ଯନ୍ତ୍ରପାତିର ବ୍ୟବହାର ଉପରେ ଉଦ୍ୟାନ କୃଷି କର୍ମୀ ଓ ଉଦ୍ୟାନ ସାଥୀମାନଙ୍କୁ ସଚେତନ କରିବା ସହ ମୁଖ୍ୟମନ୍ତ୍ରୀ କୃଷି ଉଦେୟାଗ ଯୋଜନା ମାଧ୍ୟମରେ ବିଭିନ୍ନ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଜଳ ବିଭାଜିକା ବିଭାଗ ପକ୍ଷରୁ 'ରିୱାର୍ଡ ଯୋଜନା' ଅଧିନରେ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ପୋଖରୀ ନିର୍ମାଣ ଉପରେ ମଧ୍ୟ ସବିଶେଷ ଅଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବାରକୋଟ ବ୍ଲକର ସହକାରୀ ଉଦ୍ୟାନ କୃଷି ଅଧିକାରୀ ପ୍ରତାପ ସୁନାନୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।

## ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ମାନ ପତ୍ର, ଆର୍ଥିକ ସହାୟତା ପ୍ରଦାନ



ଅତିଥିଙ୍କ ଗହଣରେ ମେଧାବୀ ଛାତ୍ରୀଛାତ୍ର।

ଦେବଗଡ଼,୧୪।୨(ଶଶାଙ୍କ ଶେଖର ଝାଙ୍କର)

ସ୍ଥାନୀୟ ବିଜୁ ପଟ୍ଟନାୟକ ଅଡିଟୋରିୟମଠାରେ ମଳୟଗିରି ହାଇୱେଜ୍ ପ୍ରାଇଭେଟ ଲିମିଟିଡ (୪୯ ନଂ. ଜାତୀୟ ରାଜପଥ) ଓ କ୍ୟୁବରୁଟ୍ସ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ସିଏସଆର କାର୍ଯ୍ୟକ୍ରମ ଅନୁଯାୟୀ ମେଧାବୀ ଛାତ୍ରୀଛାତ୍ରମାନଙ୍କ ନିମନ୍ତେ ଏକ ଉତ୍କର୍ଷ ସମ୍ମାନ ଓ ଆର୍ଥିକ ସହାୟତା ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦେବଗଡ଼ ଜିଲାର ମେଧାବୀ ଛାତ୍ରୀଛାତ୍ରଙ୍କ ଉଚ୍ଚ ଶିକ୍ଷାର ଅଗ୍ରଗତି ନିମନ୍ତେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ଅନୀଲ କୁମାର ମିଶ୍ର, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ଓ ଜିଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର ଓ କ୍ୟୁବରୁଟ୍ସ ଫାଉଣ୍ଡେସନ ଅଧିକାରୀମାନେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ। ଏଥିସହ ଏଭଳି ପ୍ରୟାଶ ଆଗାମୀ ଦିନରେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ମେଧାବୀ ଛାତ୍ରୀଛାତ୍ରଙ୍କୁ ଅଧିକ ପ୍ରୋତ୍ସାହିତ କରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମଳୟଗିରି ହାଇୱେଜ୍ ପ୍ରାଇଭେଟ ଲିମିଟିଡ (୪୯ ନମ୍ବର ଜାତୀୟ ରାଜପଥ) ଓ କ୍ୟୁବରୁଟ୍ସ ଫାଉଣ୍ଡେସନ ପକ୍ଷରୁ ଜିଲାର ଦେବଗଡ଼ସ୍ଥିତ ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ, ବସାଲଇସ୍ଥିତ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ, ଦେବଗଡ଼ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କଣ୍ଢେଇସ୍ଥିତ କଣ୍ଢେଇ ନୋଡାଲ ଉଚ୍ଚ ବିଦ୍ୟାଳୟ, ବିଜୟନଗରସ୍ଥିତ ଆଦିବାସୀ ନୋଡାଲ ଉଚ୍ଚ ବିଦ୍ୟାଳୟ(ନଈକୂଳ), ବାରକୋଟସ୍ଥିତ ଡଁରା ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ, କଲାସ୍ଥିତ କଲା ନୋଡାଇ ଉଚ୍ଚ ବିଦ୍ୟାଳୟ, ଦେବଗଡ଼ସ୍ଥିତ ଟାଉନ ଉଚ୍ଚ ବିଦ୍ୟାଳୟ ଓ ସଇଡାସ୍ଥିତ ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ ମୋଟ ୯ଟି ବିଦ୍ୟାଳୟର ୨୦ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ୧୦ ହଜାର ଟଙ୍କା ମୂଲ୍ୟର ଡିମାଣ୍ଡ ଡ୍ରାଫ୍ଟ ସହିତ ଗୋଟିଏ ଲେଖାଏଁ ସମ୍ମାନ ପତ୍ର ପ୍ରଦାନ କରାଯାଇଥିଲା।

## ଏଲ୍‌ଏନ୍ କଲେଜରେ ବସନ୍ତ କାବ୍ୟ ପାଠୋତ୍ସବ



ବସନ୍ତ କାବ୍ୟ ପାଠୋତ୍ସବରେ ଭାଗ ନେଇଥିବା ଛାତ୍ରୀଛାତ୍ର ଓ ଅଧ୍ୟାପକବୃନ୍ଦ।

ଝାରସୁଗୁଡ଼ା,୧୪।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟର (ଏଲ୍‌ଏନ୍) କଲେଜ ଓଡ଼ିଆ, ହିନ୍ଦୀ ଓ ଇଂଲିଶ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ବସନ୍ତ ଋତୁର ଆଗମନକୁ ସ୍ୱାଗତ କରି ଫାଲଗୁନ ମାସର ପ୍ରଥମ ଦିବସରେ ଗୁରୁବାର ଅପରାହ୍ନ ୨ଟାରେ କାବ୍ୟ ଫଗୁଣ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ବସନ୍ତ କାବ୍ୟ ପାଠୋତ୍ସବ ରୂପେ ନାମିତ କରାଯାଇଛି। ଉକ୍ତ ପାଠୋତ୍ସବରେ ଯୁକ୍ତ ୨ ଓ ୩ ତିନିର ଅଧ୍ୟକ୍ଷା ଡ. ସ୍ନେହଲତା ମିଶ୍ର ଉଦ୍‌ଘାଟନ କରିଥିଲେ। ସମାରୋହରେ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ର, ଅନୁଷ୍ଠାନ ଅଧ୍ୟାପକ ଅଧ୍ୟାପିକା, ଅନ୍ୟାନ୍ୟ କର୍ମଚାରୀ ଯୋଗଦେଇ କବିତା ପାଠ କରିଥିଲେ। ପାଠୋତ୍ସବରେ ମହାବିଦ୍ୟାୟ ଅଧ୍ୟକ୍ଷା ଡ଼. ସ୍ନେହଲତା ମିଶ୍ର ପୌରୋହିତ୍ୟ କରିଥିବାବେଳେ ପ୍ରାଧାପିକା ଡ଼. ସ୍ୱର୍ଣ୍ଣମୟୀ ପୁରୋହିତ, ଅଧ୍ୟାପକ ଡ଼. ଲାଲଧାରୀ ସିଂ, ଡ଼. ମନିଶ ଦ୍ୱିବେଦୀ, ରକି ବିଶ୍ୱାଳ, ଡ଼. ଯାଦବ ଦେବୀ ପ୍ରସାଦ ବେହେରା, ପୂଜା ଶାହା, ପଦ୍ମନାଭ ପ୍ରଧାନ, ତପନ ସାହୁ, ଧିରଜ୍ ବେକ୍, ରାଜେନ୍ଦ୍ର ଭୋଇ ତଥା ଅନ୍ୟ କବିତାପ୍ରେମୀ ଯୋଗଦାନ କରିଥିଲେ। ପାଠୋତ୍ସବରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ସ୍ୱରଚିତ କବିତା ପଠନ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଭିତରେ ସୃଜନଶୀଳତାର ବିକାଶ ଦିଗରେ ଏହା ଏକ ଉତ୍ତମ ପଦକ୍ଷେପ ବୋଲି ମହାବିଦ୍ୟାଳୟ ଅଧ୍ୟକ୍ଷା ମତ ଦେଇଥିଲେ। ଇତିହାସ ବିଭାଗୀୟ ମୁଖ୍ୟ ହିମାଂଶୁ ଶେଖର ମାହାକୁର ମଞ୍ଚ ପରିଚାଳନା ତଥା କବିତା ପାଠ କରିଥିଲେ। ଶେଷରେ ଡ଼. ସ୍ୱର୍ଣ୍ଣମୟୀ ପୁରୋହିତ ଧନ୍ୟବାଦ ଜ୍ଞାପନ କରିଥିଲେ।

## ମଣ୍ଡଳସ୍ତରୀୟ ଅଘରିଆ ସମାଜର ସାଧାରଣ ବୈଠକ

କୋଲାବିରା,୧୪।୨(ଚିନ୍ମୟ କୁମାର ବହିଦାର)

ଅଖିଳ ଭାରତୀୟ ଅଘରିଆ ସମାଜର ସମସିଂହାସ୍ତରୀୟ ସାଧାରଣ ବୈଠକ ଝିର୍ଲାପାଲି ଜଗନ୍ନାଥ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ବିନୋଦ ପଟେଲଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ରାଜ୍ୟ ସଙ୍ଗଠନ ସମ୍ପାଦକ ସୁବାସ ଚନ୍ଦ୍ର ନାୟକ, ଲଇଡା ଆଞ୍ଚଳିକ ସଭାପତି ବିନୟ ଚୌଧୁରୀ, ରାଜ୍ୟ ପାଇଁ ମନୋନୀତ ଉପସଭାପତି ଅଶୋକ ନାୟକ ଓ ରାଜ୍ୟ ଯୁବ ସଭାପତି ପୀତ ବାସ ପଟେଲ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିଲେ। ବୈଠକରେ ସମାଜର ରୀତି ନୀତି ଓ ସମାଜ ସଂସ୍କାର ସମ୍ପର୍କରେ ଆଲୋଚନା ହୋଇ ଆଗାମୀ କାଲିଠାରୁ ହେବାକୁ ଥିବା ତିନି ଦିନିଆ ସମ୍ମିଳନୀ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ଶେଷରେ ମଣ୍ଡଳ ସମ୍ପାଦକ ନଳୀନ ପଟେଲ ଧନ୍ୟବାଦ୍ ଅର୍ପଣ କରିଥିଲେ।



ବୈଠକରେ ଆଲୋଚନା କରାଯାଉଛି।

# ସେମିଫାଇନାଲରେ ରାଜଗାଙ୍ଗପୁର

ଦେବଗଡ଼,୧୪।୨(ଶଶାଙ୍କ ଶେଖର ଝାଙ୍କର)



ଖେଳାଳିଙ୍କୁ ମ୍ୟାନ ଅଫ୍ ଦି ପୁରସ୍କାର ପ୍ରଦାନ କରାଯାଉଛି।

ଦେବଗଡ଼ ପୌରାଞ୍ଚଳର ନାଳ ଖେଳପଡିଆଠାରେ ମହାବୀର କ୍ଲବ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ବଜରଙ୍ଗ କପ୍ କ୍ରିକେଟ ପ୍ରତିଯୋଗିତା ପୁଲ 'ବି'ର ଶୁକ୍ରବାର ଦ୍ୱିତୀୟ ମ୍ୟାଚ୍‌ରେ କଟକର ଷ୍ଟାର ଇଲେଭେନକୁ ୫୭ ରନରେ ପରାସ୍ତ କରି ରାଜଗାଙ୍ଗପୁରର ରୟାଲ ଇଲେଭେନ ଦ୍ୱିତୀୟ ସେମି ଫାଇନାଲରେ ପ୍ରବେଶ କରିଛି । ରାଜଗାଙ୍ଗପୁରର ରୟାଲ ଇଲେଭେନ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୨୨୧ ରନ ସଂଗ୍ରହ କରିଥିଲା। ଏହାର ଜବାବରେ କଟକର ଷ୍ଟାର ଇଲେଭେନ ବ୍ୟାଟିଂ ଆରମ୍ଭ କରି ମାତ୍ର ୧୮ ଓଭରରେ ସମସ୍ତ ଉଇକେଟ ହରାଇ ୧୬୪ ରନ ସଂଗ୍ରହ କରିବାସହ ୫୭ ରନରେ ପରାଜିତ ହୋଇଥିଲା। ମ୍ୟାଚ୍‌କୁ ଓଡିଶା କ୍ରିକେଟ ଆସୋସିଏଶନ ଦ୍ୱାରା ସ୍ୱିକୃତୀ ପ୍ରାପ୍ତ ଅମ୍ପାୟର ମୁକେଶ ଦଳାଇ ଓ ଦିଲୁ ଦାଶଭାୟା ପରିଚାଳନା କରିଥିଲେ। ବିକାଶ ପ୍ରଧାନ ଓ ଆଲୋକ ମହାପାତ୍ର ସ୍କୋରର ଦାୟିତ୍ୱ ତୁଲାଇଥିବା ବେଳେ ଭାଷ୍ୟକାର ଭାବେ ବେଣୁଧର ଗଡନାୟକ ଓ ପ୍ରିତମ ବେହେରା ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ମ୍ୟାଚ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ ନିମନ୍ତେ ରାଜଗାଙ୍ଗପୁର ରୟାଲ ଇଲେଭେନର ରହିଶ ଜାଡେଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ସଭାପତି କାର୍ତ୍ତିକ ମହାକୁଲଙ୍କ ସଭାପତିତ୍ୱ ଓ ଉପ ସଭାପତି ପ୍ରିତମ ବେହେରାଙ୍କ ପରିଚାଳନାରେ ଆୟୋଜିତ ପୁରସ୍କାର ବିତରଣି ଉତ୍ସବରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଖବରଦାତା ସିଦ୍ଧାର୍ଥ ଗୁରୁ ଯୋଗଦେଇ ରହିଶ ଜାଡେଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ କ୍ଲବ ଉପଦେଷ୍ଟା ଅରୁଣ ଭଞ୍ଜ ମଞ୍ଚାସୀନ ଥିଲେ। ଶେଷରେ ସମ୍ପାଦକ ରାଜୀବ ଗଡନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତା ଆୟୋଜନରେ କ୍ଲବ କୋଷାଧ୍ୟକ୍ଷ ରାକେଶ ଦାଶ, ସୌମ୍ୟକାନ୍ତ ପ୍ରଧାନ, ସୁଶୀଳ ଦେବ, ଆଶିଷ ଦଣ୍ଡିଆ, ଲିପୁନ ନାୟକ, ରଞ୍ଜନ ଶଙ୍ଖାରୀ, ତନ୍ମୟ ଘୋଷ, ଲିଲୁ ସିଂ, ମୁରଲୀ ଭଞ୍ଜ ଓ ଶୁଭମ ସାହୁଙ୍କ ସମେତ ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରୁଛନ୍ତି। ଶନିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ରାଜଗାଙ୍ଗପୁରର ରୟାଲ ଇଲେଭେନ ଓ ରାଉରକେଲାର ମାରୁତି ଇଲେଭେନ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି।

**ରାଜ୍ୟସ୍ତରୀୟ ବଜରଙ୍ଗ କପ୍ କ୍ରିକେଟ ପ୍ରତିଯୋଗିତା**

## ସଂକ୍ଷେପରେ

### ପୋଲିସ ପକ୍ଷରୁ ସୁରକ୍ଷା ସଚେତନତା

**ଟିଟିଲାଗଡ଼,୧୪।୨(ସନ୍ତୋଷ ପଟ୍ଟନାୟକ)**

ପୋଲିସ ପକ୍ଷରୁ ଲୋକଙ୍କ ସୁରକ୍ଷା ନେଇ ଶୁକ୍ରବାର ସହରରେ ଏକ ଶୋଭାଯାତ୍ରା ହୋଇଯାଇଛି। ଟିଟିଲାଗଡ଼ ଥାନା ଆଇଆଇସି କଲ୍ୟାଣୀ ବେହେରାଙ୍କ ନେତୃତ୍ୱରେ ହୋଇଥିବା ଏହି ଶୋଭାଯାତ୍ରାରେ ଲାୟନ୍ସ କ୍ଲବ ଟିଟିଲାଗଡ଼ ଶାଖା, ଡ଼ିଏଭି ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଳକ ହାଇସ୍କୁଲ, ମହେଶ୍ୱର ହିନ୍ଦୀ ହାଇସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ର ସହର ପରିକ୍ରମା କରି ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ । ଟିଟିଲାଗଡ଼ ଥାନା ସବ୍‌ଇନ୍ସପେକ୍ଟର କିରଣ ଜାନି, ପ୍ରଦୀପ ଦୁରିଆ, ଖଗେଶ୍ୱର ମାଝୀ, ଏଏସଆଇ କପୁରଚନ୍ଦ ପଧାନ, ମନୋଜ ବିଶି, ଅହଲ୍ୟା ସୁନାନୀ, କନଷ୍ଟେବଲ ଲକ୍ଷ୍ମଣ ସଲତର, ହୀନ ଲେବ, ବିଜୟ ମଲ୍ଲିକ, ମୀନକେତନ ପାଣ୍ଡେ, ମୁକ୍ତା କୁଣ୍ଡୁ, ପଞ୍ଚାନନ ହେର୍ଣ୍ଣା, ଲାୟନ୍ସ କ୍ଲବ ସମ୍ପାଦକ ଆବାସ ଖାନ, ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ସନ୍ତୋଷ ମହାନ୍ତି, ପଙ୍କଜ ନାମଦେବ, ପ୍ରଦୀପ ବାରିକ, କ୍ଷୀର ଦର୍ଜୀ ପ୍ରମୁଖ ସାମିଲ ହୋଇଥିଲେ ।

### ବକଟିରେ ନିପୁଣ ଓଡ଼ିଶା ମେଳା

**ଲୋଇସିଂହା,୧୪।୨(ସୁଶାନ୍ତ ବାରିକ)**

ଶୁକ୍ରବାର ଆଗଲପୁର ବ୍ଲକ ବକଟି ଉଷା ଦେବୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି। ସିଆରସିସି ବାବୁଲାଲ ସାହୁଙ୍କ ସଂଯୋଜନାରେ ହୋଇଥିବା ଏହି ମେଳାରେ ପ୍ରଧାନଶିକ୍ଷକ ଦେବରାଜ ବାରିକ ଅଧ୍ୟକ୍ଷତା କରିଥିଲେ। ଏଥିରେ ବଂଶୀଧର ମେମୋରିଆଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀବତ୍ସ ଭୋଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବକଟି କ୍ଲଷ୍ଟରର ସାତଟି ସ୍କୁଲର ଛାତ୍ରୀଛାତ୍ର ଯୋଗଦେଇ ନିଜ ଦ୍ୱାରା ପ୍ରସ୍ତୁତ କରିଥିବା ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ବିଷୟରେ ବିଭିନ୍ନ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ସ୍କୁଲର ଛାତ୍ରୀଛାତ୍ରମାନେ ପ୍ରଦର୍ଶିତ ଶିକ୍ଷଣୀୟ ସାମଗ୍ରୀଗୁଡିକ ବୁଲି ଦେଖିଥିଲେ। ଉଦ୍‌ଯାପନୀ ସଭାରେ ଅଂଶଗ୍ରହଣ କରିଥିବା ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା।

### ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା

**ଖପ୍ରାଖୋଲ,୧୪।୨(ଅଭୟ ତ୍ରିପାଠୀ)**

ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟଠାରେ ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ଦୁଇଦିନିଆ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ କେନ୍ଦ୍ର ସଂଯୋଜକ ଶ୍ରୀପତି କୁମ୍ଭାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟଅତିଥି ଭାବେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ରୁଦ୍ରଦେବ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କ୍ଷୀରୋଦିନୀ ଭୋଇ, ନୂତନ ପେନ୍‌ସନ ଭୋଗୀ ଶିକ୍ଷକ ସଂଘର ସଭାପତି ସୁଶୀଲ କୁମାର ପୋଢ଼ ପ୍ରମୁଖ ଯୋଗ ଦେଇଥିଲେ। କର୍ମଶାଳାରେ ବିଜୁ ସୁନା, ଧରମ ସିଂ ଧରୁଆ, ଘନଶ୍ୟାମ ପଶାୟତ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ସାମିଲ ଥିଲେ।

### ସଚେତନତା କର୍ମଶାଳା

**ଖପ୍ରାଖୋଲ,୧୪।୨(ଅଭୟ ତ୍ରିପାଠୀ)**

ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବିକଳ୍ପ ଓ ଶ୍ରମିକ ବାହିନୀର ମିଳିତ ଉଦ୍ୟମରେ ଶ୍ରମିକ ଚାଲାଣ ଓ ଗୋତି ଶ୍ରମିକ ନିରୋଧ ସମ୍ପର୍କିତ ସଚେତନତା କର୍ମଶାଳା ମହିନାଥ ସୁନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଖପ୍ରାଖୋଲ ସିଡ଼ିପିଓ ଅମିତା ପଣ୍ଡା, ମୁଖ୍ୟ ବକ୍ତା ଭାବେ ଧଣ୍ଡାମୁଣ୍ଡା ସରପଞ୍ଚ ବୈଦ୍ୟନାଥ ମିଶ୍ର, ବିକଳ୍ପର ପ୍ରକଳ୍ପ ପରିଚାଳକ ସମୀର ସାହୁ ଯୋଗ ଦେଇଥିଲେ । ଅତିଥିମାନେ ଦାଦନ ମୁକ୍ତ ପଞ୍ଚାୟତ ଗଢିବା ବିଷୟରେ ଆଲୋଚନା କରିଥିଲେ। ଏଥିସହିତ ଗୋତି ଶ୍ରମିକ ନିରୋଧ ଉପରେ ବକ୍ତବ୍ୟ ରଖିବା ସହିତ ଶପଥ ପାଠ କରିଥିଲେ । ଏହି ଅବସରରେ ସୁରେଶ ବେହେରା,ଲିଙ୍ଗରାଜ ପୁଟେଲ, ତପନ କଲାରୀଙ୍କ ସମେତ ଶତାଧିକ ମହିଳା ପୁରୁଷ ଉପସ୍ଥିତ ଥିଲେ।



ଅତିଥିମାନଙ୍କ ଗହଣରେ ଦୁଇ ଦଳର ଖେଳାଳି, ରେଫରି ଓ ଆୟୋଜକ।

# ସେମି ଫାଇନାଲରେ କଟକ ୟଙ୍ଗ୍ ଉତ୍କଳ କ୍ଲବ

**ଫ୍ରେଣ୍ଡସ କ୍ଲବ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ**

**ବଲାଙ୍ଗୀର,୧୪।୨(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଫ୍ରେଣ୍ଡସ କ୍ଲବ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିନରେ ସ୍ଥାନୀୟ ପୃଥ୍ୱୀରାଜ ହାଇସ୍କୁଲ ଷ୍ଟାଡିୟମଠାରେ ଗୁରୁତ୍ୱପୂର୍ଣ୍ଣ କ୍ୱାଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। କଟକ ୟଙ୍ଗ ଉତ୍କଳ କ୍ଲବ ବନାମ କୁଚିଣ୍ଡା ବ୍ରଦର୍ସ ଫୁଟବଲ କ୍ଲବ ମୁହାଁମୁହିଁ ହୋଇଥିଲେ। ଚିତ୍ତାକର୍ଷକ ମ୍ୟାଚ୍‌ରେ କଟକ ଦଳ ୩-୧ ଗୋଲରେ କୁଚିଣ୍ଡାକୁ ହରାଇ ସେମି ଫାଇନାଲରେ ପହଞ୍ଚିଥିଲେ। କ୍ଲବ ସଭାପତି ଲୋଟସ ଷଡଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ସୁପରିଟେଣ୍ଡେଣ୍ଟ ଡାକ୍ତର ମାନସୀ ପଣ୍ଡା, ସମ୍ମାନିତ ଅତିଥି ଭାବେ ଉପଜିଲାପାଳ ଆଲୋକ ପଟେଲ, ଫାଓ ସଭାପତି ତଥା ଜିଲା କ୍ରୀଡା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର, ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶକ ଡ. ପ୍ରଦୀପ ଷଡଙ୍ଗୀ, ଡା. ତୁଷାରକାନ୍ତ ଠାକୁର, ଡା. ଭଞ୍ଜନ ମେହେର, ହସ୍ପିଟାଲ ମ୍ୟାନେଜର ଡା. ସୁଦୀପ ଦତ୍ତଙ୍କ ସମେତ ସମ୍ପାଦକ ଜଗନ୍ନାଥ ମିଶ୍ର ଓ ମଧୁ ବନ୍‌ଛୋର ମଞ୍ଚାସୀନ ଥିଲେ। ଅତିଥିମାନଙ୍କୁ ଅନୁଷ୍ଠାନ କର୍ମକର୍ତ୍ତାମାନେ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ପଞ୍ଚମ ଦିନ ଖେଳରେ ପୂର୍ବତନ ଫୁଟବଲ ଖେଳାଳି ବୀରେନ୍ଦ୍ର ସୁନା ଓ ଅକ୍ଷୟ କୁମାର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମ୍ୟାଚ କମିଶନର ଭାବେ ଶରତ କୁମାର ନନ୍ଦ ଦାୟିତ୍ୱ ତୁଲାଇଥିଲେ। ସୁରେଶ କୁମାର ଦାଶ, ନର୍ସିଂ ସ୍ୱାମୀ ନାଇଡୁ, ସଞ୍ଜୀବ କୁମାର ମହାରଣା, ଜ୍ୟୋତି ରଞ୍ଜନ ମହାନନ୍ଦ, ସୁଦର୍ଶନ ସେଠ୍ ଖେଳ ପରିଚାଳନା କରିଥିଲେ। ଆଜିକାର ଭାଗ୍ୟଶାଳୀ ଦର୍ଶକ ଭାବେ ଚୟନୁ ମଟାରୀ ଲଟେରୀ କୁପନ ଜରିଆରେ ପୁରସ୍କାର ପାଇଥିଲେ। ଶ୍ରେଷ୍ଠ ଭଲେଣ୍ଟିୟର ଭାବେ ତରୁଣ ଭୋଇ ଓ ସୁବଳ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ପବିତ୍ର ଖୁଣ୍ଟିଆ, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଦେବେନ୍ଦ୍ର ପାତ୍ର, ଟିଙ୍କୁ ପରିଚ୍ଛା, ମନୋଜ ଦୀପ, ପ୍ରଦୀପ ସିଂ, ସନ୍ତୋଷ ପାଢ଼ୀ, କିଶୋର ଦଣ୍ଡସେନା, ଲକ୍ଷ୍ମୀ ନାରାୟଣ ସ୍ୱାଇଁ, ରାମ ନାଏକ, ଅରୋ ରଞ୍ଜନ ମହାପାତ୍ର, ବଦ୍ରି ମିଶ୍ର, ସୋମନାଥ ମିଶ୍ର, ଗୋବିନ୍ଦ ଶତପଥୀ, କନ୍ଥୁ ତ୍ରିପାଠୀ, ସୋନୁ ପଟ୍ଟନାୟକ, ମୁନା ପାଳ ଓ ଅନ୍ୟମାନେ ସହଯୋଗ କରିଥିଲେ।

# ପୋଖରୀ ନିକଟରୁ ମୃତଦେହ ଜବତ

**ଲୋଇସିଂହା,୧୪।୨(ସୁଶାନ୍ତ ବାରିକ)**

ଶୁକ୍ରବାର ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ବଘାପାଲି ଗ୍ରାମର ପୋଖରୀ ନିକଟରୁ ଜଣେ ବୃଦ୍ଧଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ଗ୍ରାମର କରୁଣାକର ବେହେରା (୬୨)। ପୋଲିସ ବଲାଙ୍ଗୀର ଭୀମଭୋଇ ମେଡ଼ିକାଲ କଲେଜରେ ମୃତଦେହ ବ୍ୟବଚ୍ଛେଦ କରାଇ ପାରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଅପରପକ୍ଷେ ମୃତକଙ୍କ ପୁଅ ପ୍ରଦୀପ ତାଙ୍କ ବାପାଙ୍କ ଆକସ୍ମିକ ମୃତ୍ୟୁକୁ ନେଇ ନା ନା ସନ୍ଦେହ ହେଉଥିବା ଅଭିଯୋଗ କରିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ସକାଳେ କରୁଣାକର ଗାଁ ପୋଖରୀ ପଟକୁ ଶୌଚ ପାଇଁ ଯାଇଥିଲେ। ହେଲେ ସେ ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ଫେରି ନଥିଲେ। ସେହି ଅଞ୍ଚଳକୁ ଯାଇଥିବା ଗ୍ରାମର କେତେଜଣ ବ୍ୟକ୍ତି କରୁଣାକର ଅଚେତ ଅବସ୍ଥାରେ ପଡିଥିବା ଦେଖି ତାଙ୍କ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ଆଇଆଇସି ଯାଜ୍ଞସେନୀ ନାୟକ କହିଛନ୍ତି, ଡାକ୍ତରୀ ସୂଚନା ମତେ କରୁଣାକରଙ୍କ ଗୋଟିଏ କିଡ୍‌ନୀ ନଷ୍ଟ ହୋଇଯାଇଥିବା ବେଳେ ହାର୍ଟ ସମସ୍ୟା ରହିଥିଲା।ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

# ସୁରଧନୁ ହାଇସ୍କୁଲର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଅତିଥି ବୃନ୍ଦ।

**ଦେଓଗାଁ,୧୪।୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁତୁର୍ଲା ସୁରଧନୁ ଉଚ୍ଚ ବିଦ୍ୟାଳୟରେ ବୁଧବାର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ବିଦ୍ୟାଳୟ ପ୍ରଧାନଶିକ୍ଷକ ଦିଲିପ କୁମାର ସାହୁଙ୍କ ସଭାପତିତ୍ୱରେ ଓ ସହକାରୀ ଶିକ୍ଷକ ପାଣ୍ଡବ ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ଦାମୋଦର ନାୟକ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ କସରତ ହର୍ପାଲ, ସମ୍ମାନିତ ଅତିଥି ଭାବେ ଗିରିଶ ଚନ୍ଦ୍ର ପଣ୍ଡା, ବିଜୟ କୁମାର ମହାନ୍ତି, ଦିଲିପ କୁମାର ମହାରଣା, ରଜନୀକାନ୍ତ ପ୍ରଧାନ, ପରିଚାଳନା କମିଟି ସଭାପତି ସଞ୍ଜିବ ପଧାନ ଯୋଗ ଦେଇଥିଲେ । ଶୃଙ୍ଖଳିତ ଓ ସମୟାନୁବର୍ତ୍ତିତା ହୋଇ ପାଠ ପଢା ଉପରେ ଧ୍ୟାନ ରଖିଲେ ଏକ ସଫଳ ବ୍ୟକ୍ତିତ୍ୱ ଭାବେ ପରିଗଣିତ ହେବା ସୁନିଶ୍ଚିତ ବୋଲି ଅତିଥି ବୃନ୍ଦ କହିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଖେଳ ଶିକ୍ଷକ ଗୋପାଳ ଚନ୍ଦ୍ର ବସ୍ତିଆ ଧନ୍ୟବାଦ ଦେଇଥିଲେ। ପରେ କୁମାରୀ ଜ୍ୟୋର୍ତିମୟୀ ପଧାନ ଓ ମନିଶା ବୁଡେକଙ୍କ ସଂଯୋଜନାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଶରୀର ଦାନ ଇଚ୍ଛାପତ୍ର ଦେଇ ଭାଲେଣ୍ଟାଇନ୍ସ ଡେ ପାଳିଲେ ଦମ୍ପତି

**ବଲାଙ୍ଗୀର,୧୪।୨(ବୀରେନ୍ଦ୍ର କୁମାର ଝାଙ୍କର)**

ଭାଲେଣ୍ଟାଇନ୍ସ ଡେ'କୁ ପ୍ରେମୀ ଯୁଗଳମାନେ ଭିନ୍ନ ଭିନ୍ନ ଢ଼ଙ୍ଗରେ ପାଳନ କରି ପରସ୍ପର ପ୍ରେମ ଜାହିର କରିଥାନ୍ତି। ଫେବୃୟାରୀ ୧୪ ତାରିଖକୁ ବିଭିନ୍ନ ସ୍ଥାନରେ ଭାଲେଣ୍ଟାଇନ୍ସ ଡେ' ପାଳନ କରାଯାଇଛି। ମାତ୍ର ବଲାଙ୍ଗୀର ସହରର ଏକ ଦମ୍ପତି ଭିନ୍ନ ଢ଼ଙ୍ଗରେ ଭାଲେଣ୍ଟାଇନ୍ ଡେ' ପାଳନ କରିଛନ୍ତି। ସେମାନେ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଯାଇ ନିଜ ଶରୀର ଦାନ ଇଚ୍ଛାପତ୍ର ଦେଇ ସମାଜକୁ ଏକ ଭିନ୍ନ ବାର୍ତ୍ତା ଦେବାକୁ ଚେଷ୍ଟା କରିଛନ୍ତି। ସ୍ଥାନୀୟ ଏକ ହୋଟେଲ ମାଲିକ ରାମ ଦାଶ ଓ ସ୍ତ୍ରୀ ଅନୟା ଦାଶ ଶୁକ୍ରବାର ଭୀମଭୋଇ ମେଡିକାଲ କଲେଜକୁ ଯାଇ ଡିନ୍ ଡା. ସ୍ୱୟଂପ୍ରଭା ପ୍ରଧାନଙ୍କୁ ମରଣୋତ୍ତର ଶରୀର ଦାନ ଇଚ୍ଛାପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଏନାଟୋମି ପ୍ରଫେସର ଡା. ସନ୍ତୋଷ କୁମାର ସାହୁ, ମେଡିକାଲ କଲେଜ କର୍ମଚାରୀ ସନ୍ଧ୍ୟାରାଣୀ ରାୟ ଓ ମାରୱାଡି ମହିଳା ସମିତି ସଭାପତି ବବି ଅଗ୍ରୱାଲ ଉପସ୍ଥିତ ଥିଲେ । ମେଡିକାଲ କଲେଜ ଡାକ୍ତରୀ ଛାତ୍ରୀଛାତ୍ରଙ୍କ ଅଧିକ ଗବେଷଣା ପାଇଁ ସେମାନେ ତାଙ୍କ ଶରୀର ଦାନ କରିବେ ବୋଲି ଘୋଷଣା କରିଛନ୍ତି।



ଦାଶ ଦମ୍ପତି ଶରୀରଦାନ ଇଚ୍ଛାପତ୍ର ଭୀମଭୋଇ ମେଡିକାଲ କଲେଜ ଡିନ୍‌ଙ୍କୁ ପ୍ରଦାନ କରୁଛନ୍ତି।

### ପିକ୍‌ଅପ ଭ୍ୟାନ୍ ଧକ୍କାରେ ୨ ବାଇକ୍ ଆରୋହୀ ଗୁରୁତର

**ଲୋଇସିଂହା,୧୪।୨(ସୁଶାନ୍ତ ବାରିକ)**

ଶୁକ୍ରବାର ସନ୍ଧ୍ୟାରେ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଲୁହୁରାପାଲି ଛକରେ ଏକ ପିକ୍‌ଅପ ଭ୍ୟାନ୍ ଧକ୍କାରେ ୨ଜଣ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ଗୁରୁତରମାନେ ହେଲେ ସୁବର୍ଣ୍ଣପୁର ଜିଲା ମେଦିନୀପୁର ଗ୍ରାମର ସଦାନନ୍ଦ ବାଗ ଓ ଭଗବାନ ବାଗ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ଦ୍ୱୟଙ୍କୁ ଉଦ୍ଧାର କରି ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଥିଲା। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇ ଫେରାର ମାରିଥିବା ପିକ୍‌ଅପ ଭ୍ୟାନ୍‌କୁ ଧରିବାକୁ ପୋଲିସ ତନାଘନା ଚଳାଇଛି।

ପୋଲିସ ସୂଚନା ଅନୁଯାୟୀ, ସଦାନନ୍ଦ ଓ ଭଗବାନ ଏକ ବାଇକ୍ ଯୋଗେ ଲୋଇସିଂହାକୁ କୌଣସି କାମରେ ଆସି ଘରକୁ ଫେରୁଥିଲେ। ତେବେ ଲୁହୁରାପାଲି ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ପିକ୍‌ଅପ ଭ୍ୟାନ୍ ସାମନା ପଟରୁ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ସଦାନନ୍ଦ ଓ ଭଗବାନ ଗୁରୁତର ଆହତ ହୋଇଥିଲେ। ସୂଚନାଯୋଗ୍ୟ,ବୁଧବାର ସନ୍ଧ୍ୟାରେ ରୁଗୁଡ଼ିଖାଲ ଛକ ନିକଟରେ ଦୁର୍ଘଟଣା ଘଟି ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିଲା। ନିୟମିତ ଭାବେ ଦୁର୍ଘଟଣା ଘଟି ଧନଜୀବନ ହାନି ଘଟୁଥିବାରୁ ସାଧାରଣରେ ଭୟ ସୃଷ୍ଟି ହୋଇଛି।

# ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ



ଆତ୍ମରକ୍ଷା ତାଲିମ ଗ୍ରହଣ କରିଥିବା ଛାତ୍ରୀମାନଙ୍କୁ ପ୍ରମାଣପତ୍ର ବିତରଣ କରାଯାଉଛି।

**ଲାଠୋର,୧୪।୨(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୮ ଦିନ ଧରି ଚାଲିଥିବା ଆତ୍ମସୁରକ୍ଷା କୌଶଳ ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ବଳଭଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଲାଠୋର ଥାନା ସବ୍‌ଇନ୍ସପେକ୍ଟର ଗଣନାଥ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀମାନେ ନିଜ ସୁରକ୍ଷା ପ୍ରତି ସଚେତନ ହେବା ପାଇଁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ରୁନୁ ମେହେରଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ବରିଷ୍ଠ ଅଧ୍ୟାପକ ହରେଶ କୁମାର ସାହୁ,ପ୍ରଦୀପ ଠାକୁର,ରାମନାରାୟଣ ବେଦବାଗ,ଅଧ୍ୟାପିକା ନାମିତ ସାହୁ ମଞ୍ଚାସୀନ ଥିଲେ। ଏହି ଅବସରରେ ତାଲିମ ନେଇଥିବା ସମସ୍ତ ଛାତ୍ରୀଙ୍କୁ ପ୍ରମାଣପତ୍ର ବିତରଣ କରାଯାଇଥିଲା। ଛାତ୍ରୀ ଅର୍ଚ୍ଚନା ସିଂହଲ,ପୂଜା ସାହୁ, ରାକ୍ଷୀ ସୁନା, ଭାଗ୍ୟଲକ୍ଷ୍ମୀ ମେହେର ଶିବିରରେ ଆତ୍ମରକ୍ଷା କୌଶଳ ପ୍ରଦର୍ଶନ କରିଥିଲେ। ବରିଷ୍ଠ ଅଧ୍ୟାପକ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ପୁଲ୍‌ୱାମା ଶହୀଦ ଦିବସରେ ରକ୍ତଦାନ ଶିବିର

**ଟିଟିଲାଗଡ,୧୪।୨(ଶରତ ମିଶ୍ର)**

ପୁଲ୍‌ୱାମା ଶହୀଦ ଦିବସରେ ଶୁକ୍ରବାର ଟିଟିଲାଗଡ଼ ନାଗରିକ ମଞ୍ଚ ପକ୍ଷରୁ ସ୍ଥାନୀୟ ଧର୍ମଶାଳା ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଟିଟିଲାଗଡ଼ ପୌରାଧ୍ୟକ୍ଷା ମମତା ଜୈନ, ଉପଜିଲାପାଳ ରେହାନ ଖତ୍ରୀ ଉଦ୍‌ଘାଟନ କରିଥିଲେ । ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ଅତିଥିମାନେ ଶହୀଦଙ୍କ ସ୍ମୃତିଚାରଣ କରିବା ସହ ଦେଶ ମାତୃକାର ସେବା ପାଇଁ ଆମେ ସଭିଏ ବ୍ରତୀ ହେବା ଉଚିତ୍ ବୋଲି ଉପସ୍ଥିତ ନାଗରିକଙ୍କୁ ଆହ୍ୱାନ କରିଥିଲେ । ନାଗରିକ ମଞ୍ଚ ସଭାପତି ବରିଷ୍ଠ ଆଇନଜୀବୀ ରାଧାକାନ୍ତ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ୍ ରାଜୀବ ଲୋଚନ ପାଢ଼ୀ, ପୂର୍ବତନ ନଗରପାଳ ଶୁଭ୍ରାଂଶୁ ଦାଶ, ଲକ୍ଷ୍ମୀକାନ୍ତ ମହାପାତ୍ର, ଲାୟନ୍ସ କ୍ଲବ ସମ୍ପାଦକ ଆବାସ ଖାନ, ପୂର୍ବତନ ଲାୟନ୍ସ କ୍ଲବ ସଭାପତି ଲିଙ୍ଗରାଜ ସାହୁ, ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ସନ୍ତୋଷ ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ନାଗରିକ ମଞ୍ଚ ସଂଗଠନ ସମ୍ପାଦକ ମନୋଜ ହାତୀ ଧନ୍ୟବାଦ ଅର୍ପଣ କରିଥିଲେ। ନାଗରିକ ମଞ୍ଚର ଉପସଭାପତି ପଦ୍ମନାଭ ବେହେରା, ସମ୍ପାଦକ ଦୀପକ ସମ୍ପାଦାର, ଶମ୍ଭୁ ପ୍ରସାଦ ଗୋଏଲ, କୋଷାଧ୍ୟକ୍ଷ ପ୍ରକାଶ ଗୋଏଲ, ବରିଷ୍ଠ ସଦସ୍ୟ ଆନନ୍ଦ ପାଣ୍ଡେ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଟିଟିଲାଗଡ଼ ସହକାରୀ ଜିଲାପାଳ ସନ୍ତୋଷ ବେହେରା, କର୍ଣ୍ଣେଲ ଦୁର୍ଗେଶ ସାହୁଙ୍କ ସ୍ତ୍ରୀ ସଲିଲ ସାହୁ, ଦୁର୍ଗେଶ ନନ୍ଦିନୀ ସାହୁ ପ୍ରମୁଖ ରକ୍ତଦାନ କରିଥିଲେ । ଶିବିରରେ ୩୧ ୟୁନିଟ ରକ୍ତ ସଂଗ୍ରହ ହୋଇଛି।

# ଜାତୀୟ କ୍ରୀଡ଼ା ପଦକ ବିଜୟିନୀଙ୍କୁ ଜିଲା ପ୍ରଶାସନର ସମ୍ବର୍ଦ୍ଧନା



ଦୁଇ କୃତୀ ଖେଳାଳିଙ୍କୁ ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀ ସମ୍ବର୍ଦ୍ଧିତ କରୁଛନ୍ତି।

**ବଲାଙ୍ଗୀର,୧୪।୨(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲା ପ୍ରଶାସନ ପକ୍ଷରୁ ୩୮ ତମ ଜାତୀୟ କ୍ରୀଡାରେ ଲନ୍ ବଲରେ ରୌପ୍ୟ ବିଜେତା ରାଜେଶ୍ୱରୀ ସେଠ୍ ଏବଂ ରୋଶନୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଚଳିତବର୍ଷ ଉତ୍ତରାଖଣ୍ଡରେ ଅନୁଷ୍ଠିତ ଜାତୀୟ କ୍ରୀଡାରେ ବଲାଙ୍ଗୀରର ଏହି ଦୁଇ ଖେଳାଳି ରୌପ୍ୟ ପଦକ ଜିତିଛନ୍ତି। ଜିଲାପାଳ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଶୁକ୍ରବାର ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଦୁଇ କୃତୀ ଖେଳାଳି ରାଜେଶ୍ୱରୀ ସେଠ୍ ଏବଂ ରୋଶନୀ ସାହୁଙ୍କୁ ଅତିରିକ୍ତ ଜିଲାପାଳ ଡ଼. ବିଜୟାନନ୍ଦ ସେଠୀ ପୁଷ୍ପଗୁଚ୍ଛ ଏବଂ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅତିରିକ୍ତ ଜିଲାପାଳ ସେଠୀ ଦୁଇ କୃତି ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରିବା ସହ କ୍ରୀଡା କ୍ଷେତ୍ରରେ ବଲାଙ୍ଗୀରକୁ ଅଗ୍ରଣୀ କରିବାକୁ ହେବ ବୋଲି କହିଥିଲେ। ସଭାରେ ଜିଲା ମୁଖ୍ୟ କ୍ରୀଡାଧିକାରୀ ରାଜେନ୍ଦ୍ର ନାୟକ ଏବଂ କୋଚ ପରାଶର ବାଗ, କ୍ରୀଡା ସଙ୍ଗଠକ ସୁମିତ ପୁରୋହିତ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସରୋଜ ସାହୁ ସଭା ପରିଚାଳନା କରିଥିଲେ।

# ପ୍ରାଚୀନ ସଂସ୍କୃତିର ପରିଚୟ ଗାଦି ପୂଜା

**ଲାଠୋର,୧୪।୨(ଭୁବନେଶ୍ୱର ବାରିକ)**

ନିଜ ପିତୃପୁରୁଷଙ୍କ ସମ୍ମାନାର୍ଥେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଗ୍ରାମର ଗୌରାଙ୍ଗ ସୁନା, ରାଜହଂସ ସୁନା, ବ୍ୟାସ ସୁନା, ସଙ୍କୀର୍ତ୍ତନ, ଲାଏବାନ ସୁନା, କରୁଣାକର ସୁନାଙ୍କ ସମେତ ଅନେକ ସୁନା ବଂଶଧାରୀ ମହିଳା ପୁରୁଷ ଗତ ୬ ତାରିଖରୁ ୮ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ନୂଆପଡ଼ା ଜିଲା ଡୁମେରପାଣି ଗ୍ରାମରେ ଆୟୋଜନ ହୋଇଥିବା ଗାଦି ପୂଜା ଯାତ୍ରାରେ ସାମିଲ ହୋଇଥିବା ନେଇ ସୂଚନା ପ୍ରଦାନ କରିଛନ୍ତି। ସାଧାରଣତଃ ଏହି ପୂଜା ୭, ୯, ୧୨ କିମ୍ବା ୧୫ ବର୍ଷ ବ୍ୟବଧାନରେ ଆୟୋଜନ କରାଯାଇଥାଏ। ଚଳିତବର୍ଷ ପୂଜା ୧୫ ବର୍ଷ ପରେ ଆୟୋଜନ ହୋଇଥିବା ହେତୁ ମହାଆଡ଼ମ୍ବର ସହ ହୋଇଥିବା ଜଣାପଡ଼ିଛି। ଏହି ପୂଜାରେ ନୂଆପଡ଼ା, ବରଗଡ଼, କଳାହାଣ୍ଡି, ବଲାଙ୍ଗୀର ତଥା ଛତିଶଗଡ଼ ରାଜ୍ୟର ୩ ହଜାରରୁ ଉର୍ଦ୍ଧ୍ୱ ସୁନା ବଂଶର ଲୋକେ ଯୋଗ ଦେଇଥିଲେ। ଆଜିକାର ଆଧୁନିକ ଯୁଗରେ ଗାଦି ପୂଜା ଭଳି ମହତ୍ ପୂଜାର ଆୟୋଜନ କରି ବଂଶର ପ୍ରାଚୀନ ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ଗର୍ବର କଥା ବୋଲି ଶ୍ରଦ୍ଧାଳୁମାନେ ପ୍ରକାଶ କରିଛନ୍ତି। ଯେଉଁ ସ୍ଥାନରେ ସୁନା ବଂଶର ଆଦିପୁରୁଷ ସର୍ବ ପ୍ରଥମେ ଗାଁ ତିଆରି କରି ରହିଥିଲେ ସେହି ବାସ ସ୍ଥାନକୁ ଗାଦି କୁହାଯାଏ। ପରମ୍ପରା ଅନୁସାରେ ସୁନା ବଂଶ ଦୁଇ ପ୍ରକାରର। ଯେଉଁ ଗୋଷ୍ଠୀ ପିଲାର ଏକୋଇଶିଆ ଦିନ ମୁଣ୍ଡନ କଲାବେଳେ ମୁଣ୍ଡ ଆଗରେ ଚୁଟି ରଖନ୍ତି ସେମାନଙ୍କୁ ଚୁଆବାଲିଆ ସୁନା କୁହାଯାଏ। ଯେଉଁମାନେ ମୁଣ୍ଡକୁ ସମ୍ପୂର୍ଣ୍ଣ ନଣ୍ଡା କରି ଦିଅନ୍ତି ସେମାନଙ୍କୁ ନାଡୁମୁଡ଼ିଆ ସୁନା ବୋଲି କୁହାଯାଏ। ପ୍ରଥା ଅନୁସାରେ ଗାଦି ପୂଜାରେ ଚୁଆବାଲିଆ ସୁନା ବଂଶର କୂଳ ଦେବତା ବୁଢ଼ା ଦେଓ, ବୁଢୀ ମାଁ, ମହାଲଛମାଙ୍କୁ ପିଦର ଘରେ ପୂଜା କରାଯିବା ବେଳେ ବାହାରେ ଏକ ଶାହାଜ ଗଛ ତଳେ ଧର୍ମ ଦେବତାଙ୍କୁ ପୂଜା କରାଯାଏ। ସାଧାରଣତଃ ୩ ଦିନ ଧରି ଉପ୍ତେଓିସ୍ଥଳ ଗାଦିରେ ବୁଢ଼ା ଦେଓଙ୍କ ପୂଜା ହୋଇଥାଏ। ପ୍ରଥମ ଦିନର ପୂଜା ରାତିରେ ହେଉଥିବାରୁ ଏହାକୁ ନିଶିପୂଜା କୁହାଯାଏ। ଦ୍ୱିତୀୟ ଦିନ ସକାଳୁ ବଡ଼ ଯାତ୍ରା ହୋଇଥାଏ ଏବଂ ବୁଢ଼ା ଦେଓର କାଳିସୀ ଘରକୁ ଘର ବୁଲିଥାଏ। ଏହି ସମୟରେ ବୁଢ଼ା ଦେଓ ଦୁଇ ହାତରେ ଦୁବ ଘାସ ଧରି ଢ଼ମ ବାଜାର ତାଳେ ତାଳେ ଡ଼େଇଁ ନାଚିବା ଦୃଶ୍ୟ ଭକ୍ତି ଭାବାପୂର୍ଣ୍ଣ ହୋଇଥାଏ। ତୃତୀୟ ଦିନ ଦୂରଦୂରାନ୍ତରୁ ଆସିଥିବା ସୁନା ବଂଶର ଲୋକଙ୍କ ମଧ୍ୟରେ ଭାଇ ଭେଟଘାଟ ଉତ୍ସବ ପାଳନ ହୋଇଥାଏ। ତେବେ ଦ୍ୱିତୀୟ ଦିନ ପୂଜାରେ ଆବାଳ ବୃଦ୍ଧବନିତା ସମସ୍ତେ ଧଳା ପୋଷାକ ପରିଧାନ କରନ୍ତି। ପୂଜାରେ ବଳି ଦେବା ପାଇଁ ଆସିଥିବା ବୋଦା, ଧଳା ପେଠି, କୁକୁଡ଼ା ବଳି ଦେବା ପରେ ତାକୁ ପ୍ରସାଦ ଆକାରରେ ସମସ୍ତେ ସେବନ କରିଥାନ୍ତି। ପ୍ରଥା ଅନୁସାରେ ଋତୁସ୍ରାବ ହୋଇଥିବା ମହିଳାଙ୍କ ସ୍ୱାମୀମାନେ ପ୍ରସାଦ ସେବନ କରିବା ସମ୍ପୂର୍ଣ୍ଣ ରୂପେ ମନା ରହିଛି। ପ୍ରସାଦ ସେବନ କଲାପରେ ଅଇଁଠାକୁ ବାହାରେ ପକା ନଯାଇ ଏକ ଗାତ ଖୋଳି ପୋତି ଦିଆଯାଏ ଯେମିତି କେହି ପାଦ ପକେଇ ପାରିବେ ନାହିଁ। ଏହି ପରମ୍ପରା ଆଜି ବି ରହିଛି ।



ଶାହାଜ ଗଛ ମୂଳେ ଧର୍ମ ଦେବତାଙ୍କୁ ପୂଜା କରାଯାଉଛି।

## ସଂକ୍ଷେପରେ

### ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଅମରପାଲି,୧୪।୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କେନଝିରିଆପାଲି ସ୍ଥିତ ଆଞ୍ଚଳିକ ଉଚ୍ଚ ବିଦ୍ୟାପୀଠରେ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷକ ବ୍ରଜମୋହନ ବାରିକ ସଭାପତିତ୍ୱ କରିଥିଲେ। ସହକାରୀ ଶିକ୍ଷକ ପ୍ରମୋଦ କୁମାର ପାତ୍ର, ଜୀବର୍ଦ୍ଧନ ରଣା, ଜଗଦିଶ ପଧାନ, ଗୌରୀଶଙ୍କର ପୂଜାହାରୀ, ମୀନକେତନ ରଣା ପ୍ରମୁଖ ଛାତ୍ରଛାତ୍ରୀଙ୍କର ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରି ନିଜର ବକ୍ତବ୍ୟ ରଖିଥିଲେ। ସହକାରୀ ଶିକ୍ଷକ ଦିନବନ୍ଧୁ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଦଶ ଗୋଟି ଅମୂଲ୍ୟ ଉପଦେଶ ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରିବା ସହ ୨୦୧୫ ବାର୍ଷିକ ମାଟ୍ରିକ ପରୀକ୍ଷାର ଟିପ୍ସ ପ୍ରଦାନ କରିଥିଲେ। ବିଦ୍ୟାଳୟର କର୍ମଚାରୀ ସତ୍ୟନାରାୟଣ ରାଜହଂସ, ସିଦ୍ଧେଶ୍ୱର ମେଣ୍ଡିଲି, ଚିତ୍ତରଞ୍ଜନ ପ୍ରଧାନ, ସରୋଜ କୁମାର ଭୁକ୍ତା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଖେଳ ଶିକ୍ଷକ ସୁରେନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ନଗରପାଳଙ୍କ ଆହାର କେନ୍ଦ୍ରରେ ଭୋଜନ

ବିନିକା ୧୪। ୨ (ରାମ ଗୋପାଳ ବାଘ )

ସୁବର୍ଣ୍ଣପୁର ଜିଲା ବିନିକା ଆହାର କେନ୍ଦ୍ରରେ ଶୁକ୍ରବାର ଦିନ ୧୧ ଟାରେ ବିନିକା ଏନଏସି ନଗରପାଳ ସୁବାଷ ଚନ୍ଦ୍ର ଭୁଏ, ସହଯୋଗୀ ଦିଲ୍ଲୀପ ସାହୁ, ଦୀନବନ୍ଧୁ ମେହେର, ଖାଦ୍ୟର ମାନ ପରୀକ୍ଷା ଉଦେଶ୍ୟରେ ଆହାର କେନ୍ଦ୍ରରେ ଭୋଜନ କରିଥିଲେ । ଖାଦ୍ୟ ସନ୍ତୋଷଜନକ ଥିବା ପ୍ରକାଶ କରିଥିଲେ। ଉକ୍ତ ଆହାର କେନ୍ଦ୍ରରେ ୫ ଶହ ଜଣଙ୍କୁ ଖାଦ୍ୟ ଦେବା ପାଇଁ ସରକାରୀ ଭାବରେ ଧାର୍ଯ୍ୟ ଥିଲାବେଳେ ମାତ୍ର ୨୫୦ ଜଣଙ୍କୁ ଦିଆଯାଉଛି। ଖାଦ୍ୟ ସଂଖ୍ୟା ବଢ଼ାଇ ୫ ଶହ କରାଯିବ କି ବୋଲି ପଚାରିବାରୁ ଅଭିଯୋଗ ଆସିଲେ ମିଲ ସଂଖ୍ୟା ଅଧିକ କରାଯିବ ବୋଲି ପ୍ରକାଶ କରିଥିଲେ ।

### ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା



ଅମରପାଲି,୧୪।୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଳପଦର ପଞ୍ଚାୟତର ଭାଲୁଡୁଙ୍ଗୁରୀ ଗ୍ରାମର ଶୃଙ୍ଗଦର୍ହରେ ହେବ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ। ଏଥିପାଇଁ ଶୁକ୍ରବାର ପୂର୍ବାହ୍ନରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୃଙ୍ଗଦର୍ହ ସ୍ଥିତ ରାଧା ବଲ୍ଲଭ ମଠର ମଠାଧିସ ସନତ କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଭବ୍ୟ କଳସ ଶୋଭାଯାତ୍ରାରେ ଅଞ୍ଚଳର ଶତାଧିକ ମହିଳା ସାମିଲ ହୋଇ କଳସ ବୋହି ଥିଲେ। ନିକଟସ୍ଥ ଜଳାଶୟରେ ଗଙ୍ଗା ମାତା ଆବାହନ ପରେ ପୂଜାର୍ଚ୍ଚନା କରାଯାଇ ଜଳପୂର୍ଣ୍ଣ କଳସକୁ ଏକ ଭବ୍ୟ ଶୋଭାଯାତ୍ରା କରି ନାମ ମଣ୍ଡପ, ଯଜ୍ଞ ମଣ୍ଡପ,ହୋମ ମଣ୍ଡପ ଓ ସୁନ୍ଦରାକାଣ୍ଡ ମଣ୍ଡପରେ ସ୍ଥାପନ କରାଯାଇଥିଲା। ଏଥିର ପୂଜକ ଭାବେ ଘନଶ୍ୟାମ ପଣ୍ଡା ଓ ସୁଦାମ ପଣ୍ଡା ପୂଜକ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଅବସରରେ ଶୁକ୍ରବାର ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ସୁନ୍ଦରାକାଣ୍ଡ ପାରାୟଣ କରାଯାଇଥିଲା। ଏଥିରେ ବୀରମହାରାଜପୁର ବ୍ଲକ ବଡ଼ବର୍ଡାକଟା ଗ୍ରାମର ଅଟଳ ମିଶ୍ର ବ୍ୟାସ ଭାବେ ଯୋଗଦେଇ ସୁନ୍ଦରାକାଣ୍ଡ ପାଠ କରିଥିଲେ। ପାରାୟଣ ମଣ୍ଡପ ସହିତ ନାମ ମଣ୍ଡପ ଓ ଅନ୍ୟ ସବୁ ମଣ୍ଡପରେ କର୍ତ୍ତା ଭାବେ ଗଜାନନ ସାହୁ ଓ ଉଦିଆଁ ସାହୁ, ପଙ୍କଜ ଧଳ ଓ ପ୍ରମୋଦିନି ଧଳ, ଚୈତନ୍ୟ ସାହୁ ଓ କୁମାରୀ ସାହୁ ଏବଂ ଷଡ଼ାନନ ସାହୁ ସପତ୍ନିକ ଏବଂ ପ୍ରଦୀପ କୁମାର ଖେତି ସପତ୍ନିକ କର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଶନିବାର ସକାଳୁ ଚବିଶ ପ୍ରହରୀ ନାମଯଜ୍ଞ ର ଅଧିବାସ ହେବ। ଏହା ସହିତ ସୋମବାର ଦିନ ଭାଲୁଡୁଙ୍ଗୁରୀ ଶୃଙ୍ଗଦର୍ହ ରେ ନବ ନିର୍ମିତ ରାଧାବଲ୍ଲବ ମଠର ପ୍ରତିଷ୍ଠା ହେବ ବୋଲି ମଠାଧିସ ସନତ କୁମାର ଦାସ ପ୍ରକାଶ କରିଛନ୍ତି। ମଙ୍ଗଳବାର ଦିନ ଏହାର ପୂର୍ଣ୍ଣାହୁତି ହେବ। ପ୍ରତ୍ୟହ ସମସ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଉଛି।




ବିନିକା ଲୋକ ମହୋତ୍ସବରେ କଳାକାର ନୃତ୍ୟ ପରିବେଷଣ କରୁଛନ୍ତି।

# ନାଚଗୀତରେ ଝୁମିଲେ ଦର୍ଶକ

**ବିନିକା ପାପକ୍ଷୟ ଲୋକ ମହୋତ୍ସବ ଅନ୍ତିମ ସନ୍ଧ୍ୟା**

ବିନିକା ୧୪ । ୨ (ରାମଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସହରାଞ୍ଚଳ ଲୋକ ମହୋତ୍ସବ (ପାପକ୍ଷୟ ଲୋକ ମହୋତ୍ସବ) ଶୁକ୍ରବାର ଚତୁର୍ଥ ତଥା ଅନ୍ତିମ ସନ୍ଧ୍ୟାରେ ସଭାପତି ପ୍ରଶାନ୍ତ କୁମାର ଦଣ୍ଡଷନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ପଦ୍ମନାଭ ବେହେରା, ସମ୍ମାନିତ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ଯମୁନା ପଧାନ, ଯୁବ କଂଗେସ ନେତା ସମେରେନ୍ଦ୍ର ମିଶ୍ର, ଜିଲା ପରିଷଦ ସଦସ୍ୟ ଲବକୁମାର ସାହୁ, କଂଗ୍ରେସ ଯୁବ ନେତା ପ୍ରଦୀପ ସେଠୀ ପ୍ରମୁଖ ଯୋଗଦେଇ ପାପକ୍ଷୟଘାଟ ପୁଣ୍ୟ ତୀର୍ଥର ମହିମା ଉଚ୍ଚାରଣ କରିବା ସହିତ କଳା ଓ ଆମ ସଂସ୍କୃତି ବିଷୟରେ ଆଲୋକପାତ କରିଥିଲେ। ମହୋତ୍ସବରେ ୧୮ଟି ସାଂସ୍କୃତିକ ଦଳ ଭାଗ ନେଇ ନିଜ କଳା ପ୍ରଦର୍ଶନ କରିଥିଲେ। ନାଚଗୀତରେ ଝୁମିଥିଲେ ଦର୍ଶକ। ୫ ଜଣ ସାମାଜିକ କର୍ମୀଙ୍କୁ ପାପକ୍ଷୟ ସମ୍ମାନ ପ୍ରଦାନ କରାଯାଇଥିଲା। ସମସ୍ତ କଳାକାର ଓ କଣ୍ଠଶିଳ୍ପୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିବା ବେଳେ ଶିକ୍ଷାବିତ ହିମାଂଶୁ ଶେଖର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ । ବରିଷ୍ଠ ଭାଜପା ନେତା ନବକୃଷ୍ଣ ଦନ୍ତା ଧନ୍ୟବାଦ ଦେଇଥିଲେ। କମିଟିର ସମସ୍ତ ପଦାଧିକାରୀ ଓ ସହରବାସୀ ଚାରିଦିନ ଧରି ମହୋତ୍ସବକୁ ସହଯୋଗ କରିଥିବାରୁ ସଭାପତି ଦଣ୍ଡଷନା କୃତଜ୍ଞତା ଜଣାଇଥିଲେ।



ଦିବାରାତ୍ର ଭଲିବଲ ପ୍ରତିଯୋଗିତାର ଉଦଘାଟନ ଉତ୍ସବରେ ଖେଳାଳିଙ୍କ ସହ ଯୋଗ ଦେଇଥିବା ଅତିଥି ବୃନ୍ଦ।

# ସର୍ବଭାରତୀୟ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଡୁଙ୍ଗୁରିପାଲି, ୧୪।୨(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲିବ୍ଲକସ୍ଥିତ ଡୁଙ୍ଗୁରିପାଲି ରାଧାକୃଷ୍ଣ ଭଲିବଲ ଖେଳ ପଡିଆଠାରେ ଡୁଙ୍ଗୁରିପାଲି ଭଲିବଲ ଆସୋସିଏଶନ ଯୁଗଲାଲ ବିଶ୍ୱାଳ ମେମୋରିଆଲ ସର୍ବ ଭାରତୀୟ ଦୁଇଦିନିଆ ଦିବାରାତ୍ରି ଭଲିବଲ ଟୁର୍ଣ୍ଣାମେଣ୍ଟ ଗୁରୁବାର ସନ୍ଧ୍ୟା ୭ଟା ୩୦ରେ ଉଦ୍‌ଘାଟିତ ହୋଇଯାଇଛି। ସ୍ୱର୍ଗତ ଯୁଗଲାଲ ବିଶ୍ୱାଳଙ୍କ ସ୍ମୃତି ଉଦେଶ୍ୟରେ ପ୍ରତିଯୋଗିତାକୁ ଆରଆରଏନ ଫୁଡଟେକ ଇଣ୍ଡଷ୍ଟ୍ରିଜ, ଦିଲ୍ଲୀ ଗ୍ରୁପ ଚ୍ୟାୟାରମେନ ତଥା ସିଇଓ ବ୍ରଜକିଶୋର ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଭଲିବଲ ପ୍ରତିଯୋଗିତାର ଉଦଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଭଲିବଲ ଟୁର୍ଣ୍ଣାମେଣ୍ଟର ସଭାପତି ହିମାଂଶୁ ଶେଖର ବିଶ୍ୱାଳ, ବିଜୟାନନ୍ଦ ମିଶ୍ର , ଅନିରୁଦ୍ଧ ମିଶ୍ର, କିଶୋର ବିଶ୍ୱାଳ, ବଙ୍ଗାଳୀ ବିଶ୍ୱାଳ, ଲକ୍ଷ୍ମୀଧର ନାଏକ, ମକରଧ୍ୱଜ ବିଶାଳ, ଟୁନା ପାଣ୍ଡେ, ନିରଞ୍ଜନ ନାଏକ, ବିରବଲ ବିଶ୍ୱାଳ, କର୍ନ୍ଦପ ସାହୁ ଯୋଗ ଦେଇଥିଲେ । ଏହି ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାକୁ ମଣିଲାଲ ଶର୍ମା ଓ ଭଲିବଲ ଟୁର୍ଣ୍ଣାମେଣ୍ଟର ସମ୍ପାଦକ ଗୋପାଲ ବାରିକ ପରିଚାଳନା କରିଥିଲେ । ଭଲିବଲ ପ୍ରତିଯୋଗିତାରେ ସିଆଇଏସଏଫ ଦିଲ୍ଲୀ, ରାଇଜିଙ୍ଗ କ୍ଲବ ରାଉରକେଲା, ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ଓ ହରିୟାନା ସ୍ୱାଇକର ଚଣ୍ଡିଗଡ, ଭାଇଜାକ ରେଲୱେ ଆନ୍ଧ୍ରପ୍ରଦେଶ, ସ୍ପୋର୍ଟସ ହୋଷ୍ଟେଲ ଭୁବନେଶ୍ୱର ଦଳ ମଧ୍ୟରେ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରାଉରକେଲା ରାଇଜିଙ୍ଗ କ୍ଲବକୁ ଦିଲ୍ଲୀ ସିଆଇଏସଏଫ ହରାଇଥିଲା। ଖେଳ ପ୍ରତିଯୋଗିତାକୁ ଜାତୀୟସ୍ତରୀୟ ଭଲିବଲ ରେଫରୀ ନିରଞ୍ଜନ ନାଏକ ପରିଚାଳନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ଡୁଙ୍ଗୁରିପାଲି ବିଡିଓ ଦିଲ୍ଲୀପ କୁମାର ବାଡା, ଡୁଙ୍ଗୁରିପାଲି ସରପଞ୍ଚ ଚିତ୍ତରଂଜନ ମିଶ୍ର, ବଣିକସଂଘ ସଭାପତି ପ୍ରଦୀପ ମିଶ୍ର, ଆଇନଜୀବୀ ନବୀନ ରଣା, ହରି ପ୍ରଧାନ, ଡ. ରଘୁନାଥ ମିଶ୍ର,ଏଡିଏମଓ ଡ. ଦତ୍ତ୍ୟନାରାୟଣ ପାଢ଼ୀ, ଧମେନ୍ଦ୍ର ବିଶ୍ୱାଳ ଯୋଗ ଦେଇଥିଲେ।

### ପିକ୍‌ଅପ ଭ୍ୟାନ୍ ଧକ୍କାରେ ୨ ବାଇକ୍ ଆରୋହୀ ଗୁରୁତର

ଲୋଇସିଂହା,୧୪।୨(ସୁଶାନ୍ତ ବାରିକ)

ଶୁକ୍ରବାର ସନ୍ଧ୍ୟାରେ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଲୁହୁରାପାଲି ଛକରେ ଏକ ପିକ୍‌ଅପ ଭ୍ୟାନ୍ ଧକ୍କାରେ ୨ଜଣ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ଗୁରୁତରମାନେ ହେଲେ ସୁବର୍ଣ୍ଣପୁର ଜିଲା ମେଦିନୀପୁର ଗ୍ରାମର ସଦାନନ୍ଦ ବାଗ ଓ ଭଗବାନ ବାଗ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ଦ୍ୱୟଙ୍କୁ ଉଦ୍ଧାର କରି ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଥିଲା। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇ ଫେରାର ମାରିଥିବା ପିକ୍‌ଅପ ଭ୍ୟାନ୍‌କୁ ଧରିବାକୁ ପୋଲିସ ତନାଘନା ଚଳାଇଛି।

ପୋଲିସ ସୂଚନା ଅନୁଯାୟୀ, ସଦାନନ୍ଦ ଓ ଭଗବାନ ଏକ ବାଇକ୍ ଯୋଗେ ଲୋଇସିଂହାକୁ କୌଣସି କାମରେ ଆସି ଘରକୁ ଫେରୁଥିଲେ। ତେବେ ଲୁହୁରାପାଲି ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ପିକ୍‌ଅପ ଭ୍ୟାନ୍ ସାମନା ପଟରୁ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ସଦାନନ୍ଦ ଓ ଭଗବାନ ଗୁରୁତର ଆହତ ହୋଇଥିଲେ।

# ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିବାରେ ଫେଲ୍ ମାରିଛି ଯୋଗାଣ ବିଭାଗ

ହରଭଙ୍ଗା,୧୪।୨(ନରେନ୍ଦ୍ର କୁମାର ସାହୁ)

**ହରଭଙ୍ଗା ବ୍ଲକ**

ରାଜ୍ୟ ସରକାର ନ୍ୟାଶନାଲ ଫୁଡ୍ ସିକ୍ୟୁରିଟି ଆକ୍ଟ ଓ ଅନ୍ତ୍ୟୋଦୟ ଯୋଜନାରେ ଯେପରି ଅଯୋଗ୍ୟ ହିତାଧିକାରୀ ସାମିଲ ନ ହୁଅନ୍ତି ସେ ନେଇ କଡାକଡି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । କିନ୍ତୁ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକରେ ନ୍ୟାଶନାଲ ଫୁଡ୍ ସିକୁରିଟି ଆକ୍ଟ ଓ ଅନ୍ତ୍ୟୋଦୟ ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀଙ୍କ ମଧ୍ୟରୁ ଗୋଟିଏ ହେଲେ ପରିବାର ସ୍ୱଚ୍ଛଳ ବର୍ଗର ନ ଥିବାରୁ ଆଜି ପର୍ଯ୍ୟନ୍ତ ଗୋଟିଏ କାର୍ଡ ହସ୍ତାନ୍ତର ହୋଇ ନ ଥିବା ହରଭଙ୍ଗା ବ୍ଲକ ଯୋଗାଣ ନିରୀକ୍ଷକଙ୍କ ଠାରୁ ସୂଚନା ମିଳିଛି। ରାଜ୍ୟ ସରକାର ଭୂତ ହିତାଧିକାରୀ ଚିହ୍ନଟ ପାଇଁ ପ୍ରକ୍ରିୟା ଚଳାଇ ଆସୁଥିବା ବେଳେ ହରଭଙ୍ଗା ବ୍ଲକରେ ଫେଲ୍ ମାରିଛି। ଯୋଗାଣ ବିଭାଗ ଭୂତ ହିତାଧିକାରୀଙ୍କୁ ଚିହ୍ନଟ କରି ଯୋଗ୍ୟ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରାଯିବା ପାଇଁ ହରଭଙ୍ଗା ପଞ୍ଚାୟତ ସମିତି ବୈଠକରେ ଦୁଇ ଦୁଇ ଥର ଆଲୋଚନା ହୋଇଥିଲା। କିନ୍ତୁ କେତେଜଣ ବିଭାଗୀୟ କର୍ମଚାରୀଙ୍କ ମନ୍ଦ ଉଦ୍ଦେଶ୍ୟ ଯୋଗୁ ତଦନ୍ତ ପ୍ରକ୍ରିୟା ଆଗେଇ ପାରୁନାହିଁ। ଅନ୍ତ୍ୟୋଦୟ ଯୋଜନାରେ ଅନେକ ଭୂତ ହିତାଧିକାରୀ ଥିଲେ ମଧ୍ୟ ଯୋଗାଣ ସହାୟକ ଓ ଯୋଗାଣ ନିରୀକ୍ଷକଙ୍କ ମଧୁଚନ୍ଦ୍ରିକା ଯୋଗୁ ଚିହ୍ନଟ କରାଯାଇ ପାରୁ ନ ଥିବା ଅଭିଯୋଗ ହେଉଛି । ହରଭଙ୍ଗା ବ୍ଲକରେ ମାଗଣା ଚାଉଳ ଯୋଜନାରେ ୩୩ ହଜାର ୫୯୫ ଜଣ ହିତାଧିକାରୀ ଥିବା ବେଳେ ମାସିକ ୬ ହଜାର ୩୭୧ କୁଇଣ୍ଟାଲ ୯୫ କେଜି ଚାଉଳ ବଣ୍ଟନ ହେଉଥିବା ଯୋଗାଣ ନିରୀକ୍ଷକ ଅମ୍ରିତା ମଲିକ ସୂଚନା ଦେଇଛନ୍ତି। ବ୍ଲକରେ ୮୭୪ ଜଣ ଅଯୋଗ୍ୟ ହିତାଧିକାରୀ ଥିବା ସରକାରୀ ସ୍ତରରେ କୁହାଯାଉଥିବା ବେଳେ ସେମାନଙ୍କୁ ଚିହ୍ନଟ କରି କାର୍ଡ ଫେରସ୍ତ କରାଯାଇପାରିଲେ ଯୋଗ୍ୟ ହିତାଧିକାରୀମାନେ ଏହାର ସୁଫଳ ପାଇପାରିବେ ବୋଲି ପଞ୍ଚାୟତ ସମିତି ବୈଠକରେ ଆଲୋଚନା ହେଉଛି। ଏହାମଧ୍ୟରେ ହରଭଙ୍ଗା ବ୍ଲକର ୨୬ ଜଣ ଗ୍ରାମରକ୍ଷୀ କାର୍ଡ ଫେରସ୍ତ କରିଛନ୍ତି। ତେବେ ଗ୍ରାମରକ୍ଷୀମାନେ ଏହି ଯୋଜନାରେ ସାମିଲ ହୋଇପାରିବେ ବୋଲି ସରକାର ଘୋଷଣା କରିଛନ୍ତି। ଏହି ଯୋଜନା କାର୍ଯ୍ୟକାରୀ ହେବାର ପନ୍ଦର ବର୍ଷ ବିତିଗଲା। କିନ୍ତୁ ତ୍ରୁଟିପୂର୍ଣ୍ଣ ସର୍ଭେ ଯୋଗୁ ସରକାରୀ କର୍ମଚାରୀ, ସ୍ୱଚ୍ଛଳ ପରିବାର ସାମିଲ ହୋଇ ଏହାର ଫାଇଦା ଉଠାଇଥିବା ବେଳେ ଅନେକ ଗରିବ ପରିବାର ଏହି ଯୋଜନାରୁ ବାଦ ପଡିଛନ୍ତି। ହରଭଙ୍ଗା ବ୍ଲକରେ ଆଜି ପର୍ଯ୍ୟନ୍ତ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ କରାଯାଉ ନ ଥିବାରୁ କାର୍ଡ ଫେରସ୍ତ ନେଇ ଅନେକ ପ୍ରଶ୍ନ ଉଠିଛି ।

# ବୌଦ୍ଧ ଘରୋଇ ବସ୍ ମାଲିକ ସଂଘର କର୍ମକର୍ତ୍ତା ଚୟନ



ସଂଘର ନୂତନ କର୍ମକର୍ତ୍ତା।

**ପ୍ରସନ୍ନ ସଭାପତି, ଚିତ୍ତରଞ୍ଜନ ସମ୍ପାଦକ**

ବୌଦ୍ଧ,୧୪।୨(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ଘରୋଇ ବସ ମାଲିକ ସଂଘର କର୍ମକର୍ତ୍ତା ଚୟନ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି। ସଂଘ କାର୍ଯ୍ୟାଳୟଠାରେ ଏକ ବୈଠକ କରି ୨୦୨୫ ବର୍ଷ ପାଇଁ ସଂଘର କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ପ୍ରସନ୍ନ କୁମାର ପ୍ରଧାନ, ଉପସଭାପତି ରାଜକିଶୋର ପଟ୍ଟନାୟକ, ସଂପାଦକ ଚିତ୍ତରଞ୍ଜନ ରାଜ, ସହ ସଂପାଦକ ସୁବ୍ରତ କୁମାର ମିଶ୍ର, କୋଷାଧକ୍ଷ ଭାବେ ନୀଳକଣ୍ଠ ମହାପାତ୍ର ମନୋନୀତ ହୋଇଥିଲେ। ସଂଘର ପରିଚାଳନା କମିଟି ସଦସ୍ୟ ଭାବେ ଅନିଲ କୁମାର ମହାପାତ୍ର, ନାରାୟଣ ମେହେର, ସୁଦର୍ଶନ ନାଏକ, ସୁଧୀର ମହାପାତ୍ର ମନୋନୀତ ହୋଇଛନ୍ତି। ସେହିପରି ସମୟ ନିର୍ଘଣ୍ଟ କମିଟର ସଦସ୍ୟ ଭାବେ ରାଧାମାଧବ ମିଶ୍ର, ସେକ୍ ସମିଉଲା, ରାଜ କିଶୋର ପଟ୍ଟନାୟକ, ସୁଦର୍ଶନ ନାଏକ, ସୁବ୍ରତ୍ର କୁମାର ମିଶ୍ର, , ସୁଧୀର କୁମାର ମହାପାତ୍ର ମନୋନୀତ ହୋଇଥିଲେ। ସଂଘର ନିର୍ବାଚନକୁ ବରିଷ୍ଠ ସଦସ୍ୟ ରାଧାମାଧବ ମିଶ୍ର ପରିଚାଳନା କରିଥିଲେ।

# ଭାଲେଣ୍ଟାଇନ୍ସ ଡେ'ରେ ରକ୍ତଦାନ ଶିବିର

ସୋନପୁର,୧୪।୨(ମୃତ୍ୟୁଞ୍ଜୟ ଶତପଥୀ)

ଭାଲେଣ୍ଟାଇନ୍ସ ଡେ(ପ୍ରେମ ଦିବସ)କୁ ଯୁବ ପିଢି ଉତ୍ସାହର ସହ ଶୁକ୍ରବାର ବିଭିନ୍ନ ଢଙ୍ଗରେ ପାଳନ କରିଛନ୍ତି। ତେବେ ସୁବର୍ଣ୍ଣପୁର ସହର ବୁଢାରଜା ଯୁବ ସମାଜସେବା ସଙ୍ଗଠନ ପକ୍ଷରୁ ପ୍ରତିବର୍ଷ ଭଳି ଏହି ଦିବସରେ ରକ୍ତଦାନ ଶିବିର ଆୟୋଜନ ହୋଇଥିଲା। ଦିଲ୍ଲୀରେ ନିର୍ଭୟା ଗଣବଳାତ୍କାର ଘଟଣା ପରେ ନାରୀଙ୍କୁ ସମ୍ମାନ ପ୍ରଦର୍ଶନ ପୂର୍ବକ ସଙ୍ଗଠନ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଆସୁଛି। ବୁଢାରଜା ଛକ ନିକଟରେ ଶୁକ୍ରବାର ୧୩ତମ ସ୍ୱେଚ୍ଛାକୃତ ଶିବିର ଆୟୋଜନ ହୋଇଥିଲା। ସାମାଜିକକର୍ମୀ ଶ୍ରୀବତ୍ସ ମଲ୍ଲିକ, ଯୁବ ନେତା ଅରବିନ୍ଦ ବାରିକ୍, ସ୍ୱରୂପ କୁମାର ପାତ୍ର, ଯୁବ ରେଡକ୍ରସର ଜିଲା ସଂଯୋଜକ ଅଧ୍ୟାପକ ଉମାକାନ୍ତ ନାଗ ଓ ରୋଶନ କେଶରୀ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ରକ୍ତର କୌଣସି ବିକଳ୍ପ ନାହିଁ। ତେଣୁ ଯୁବ ସମାଜ ରକ୍ତଦାନ କରିବାକୁ ଆଗେଇ ଆସିବାକୁ ଅତିଥି ମାନେ ଆହ୍ୱାନ ଦେଇଥିଲେ। ବୁଢାରଜା ଯୁବ ସଙ୍ଗଠନର ସ୍ୱେଚ୍ଛାସେବୀଙ୍କ ଅସହାୟଙ୍କୁ ବର୍ଷର ସବୁ ସମୟରେ ରକ୍ତଦାନ, ଅସହାୟ ଓ ବୃଦ୍ଧା ବୃଦ୍ଧଙ୍କୁ ସେବା, ଗରିବଙ୍କୁ ଖାଦ୍ୟ ପ୍ରଦାନ, ମାଗଣାରେ ଆମ୍ବୁଲାନ୍ସ ସେବା, ଶବବାହକ ଗାଡି ପ୍ରଦାନ, ଦୁର୍ଘଟଣାଗ୍ରସ୍ତ ଓ ରୋଗଗ୍ରସ୍ତ ଗାଇ ଗୋରୁଙ୍କ ସେବା, ବୃକ୍ଷରୋପଣ ଏବଂ ପରିବେଶ ସୁରକ୍ଷା ଭଳି କାର୍ଯ୍ୟକ୍ରମକୁ ସମସ୍ତେ ପ୍ରଶଂସା କରିଥିଲେ। ଏହି ଅବସରରେ ମୋଟ ୩୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ନାଇକେନପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଚିତ୍ତରଞ୍ଜନ ତ୍ରିପାଠୀ, ଟେକ୍ନିସିଆନ ସତ୍ୟବ୍ରତ ତାଣ୍ଡି, ଜଗତ ନାରାୟଣ ଦରୱାନ, ଯୁଧିଷ୍ଠିର ନାଏକ ଓ ସୁଦାମ ବିଶ୍ୱାଳ ରକ୍ତ ସଂଗ୍ରହ କରିଥିଲେ। ଯୁବ ସଙ୍ଗଠନର ସଭାପତି ଶିବଶଙ୍କର ନାଏକ, ସମ୍ପାଦକ ଶୈଳେନ୍ଦ୍ର ବାରିକ, ଅରବିନ୍ଦ ଝା, ଚିତ୍ତରଞ୍ଜନ ଭୋଇ, ଦେବାଶିଷ ବାରିକ, ବଳରାମ ସା, ପ୍ରକାଶ ସିଂ, ରାମଚନ୍ଦ୍ର ସ୍ୱାଇଁ ଓ ସୂର୍ଯ୍ୟ କୁମାର ନାୟକ ପ୍ରମୁଖ ଶିବିର ଆୟୋଜନରେ ସହଯୋଗ କରିଥିଲେ।




ଶିବିରରେ ଜଣେ ସ୍ୱେଚ୍ଛାସେବୀ ରକ୍ତଦାନ କରୁଛନ୍ତି।

# ଛାତ୍ରୀଛାତ୍ର ଚାପମୁକ୍ତ ହୋଇ ପରୀକ୍ଷା ଦେବା ଉପରେ ଗୁରୁତ୍ୱ

ବୌଦ୍ଧ,୧୪।୨(ଅଜିତ କୁମାର ବାରିକ)

ଚଳିତବର୍ଷ ମାଟ୍ରିକ ପରୀକ୍ଷା ଆସନ୍ତା ୨୧ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୬ ତାରିଖରେ ଶେଷ ହେବାକୁ ଥିବା ବେଳେ ବୌଦ୍ଧ ଜିଲା ଶିକ୍ଷା ବିଭାଗ ପକ୍ଷରୁ ପରୀକ୍ଷାକୁ ଶାନ୍ତିଶୃଙ୍ଖଳାର ସହ କରିବାକୁ ଶୁକ୍ରବାର ଦିନ ମାଉଳସିଙ୍ଗା ଜାନକୀ ଭିକାରୀ ଉଚ୍ଚ ବିଦ୍ୟାଳୟଠାରେ ପ୍ରଧାନଶିକ୍ଷକଙ୍କ ଦିନିକିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଜିଲାପାଳ ସୁବ୍ରତ କୁମାର ପଣ୍ଡା ଯୋଗଦେଇ ଛାତ୍ରୀଛାତ୍ରମାନେ ଯେପରି ଚାପମୁକ୍ତ ହୋଇ ପରୀକ୍ଷା ଦେବେ ସେଥିପାଇଁ ସେମାନଙ୍କୁ ମାର୍ଗଦର୍ଶନ କରିବା, ନିଜର ପୂର୍ବ ଅଭିଜ୍ଞତା ଓ ଅନୁଭୂତିରୁ ସଫଳତାର ସହିତ ପରୀକ୍ଷା ପରିଚାଳନା କରିବାକୁ ଏହି ଅବସରରେ ଜିଲାପାଳ ପଣ୍ଡା ପ୍ରଧାନ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ। ଆଗକୁ ଗ୍ରୀଷ୍ମପ୍ରବାହ ଆସୁଥିବାରୁ ପ୍ରତ୍ୟେକ ବିଦ୍ୟାଳୟରେ ପାନୀୟ ଜଳ ଏବଂ ଓଆରଏସ ମହଜୁଦ ରଖିବା, ପରୀକ୍ଷା ପରିଚାଳନାରେ ସ୍ୱଚ୍ଛତା, ଅଂଶୁଘାତରୁ ସତର୍କତା, ସାମୁହିକ ସହଯୋଗରେ ପରିଚାଳନା କରିବାକୁ ଜିଲାପାଳ ପଣ୍ଡା ପରୀକ୍ଷା କେନ୍ଦ୍ର ପରିଚାଳନା ଦାୟିତ୍ୱରେ ଥିବା ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅନ୍ୟତମ ଅତିଥି ଭାବରେ ଅତିରିକ୍ତ ଏସ୍‌ପି ସାର୍ଥକ ରାୟ ପରୀକ୍ଷା କେନ୍ଦ୍ରଗୁଡିକର ସୁରକ୍ଷା ବ୍ୟବସ୍ଥା ନେଇ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ପରୀକ୍ଷା ପରିଚାଳନା ପାଇଁ ୩ଟି ନୋଡାଲ କେନ୍ଦ୍ରରେ ୪ ଜଣ ଲେଖାଏ ସୁରକ୍ଷା କର୍ମୀ ନିୟୋଜିତ କରାଯାଇଥିବା ବେଳେ ସମୁଦାୟ ୩୩ ଟି ପରୀକ୍ଷା କେନ୍ଦ୍ରରେ ୭ ଟି ପୋଲିସ ଷ୍ଟେଶନର କର୍ମଚାରୀମାନଙ୍କୁ ସୁରକ୍ଷା ବ୍ୟବସ୍ଥା ଦାୟିତ୍ୱ ପ୍ରଦାନ କରାଯାଇଛି। ଅନ୍ୟତମ ଅତିଥି ଭାବରେ ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ, ଉପଜିଲାପାଳ ପ୍ରବୀଣ କୁମାର ବାଣୁଆ ଯୋଗଦେଇ ପରୀକ୍ଷା କେନ୍ଦ୍ରରେ ସତର୍କ ରହିବା, ସ୍ୱଚ୍ଛତା ଅବଲମ୍ବନ କରିବା, ସୁରକ୍ଷା ପ୍ରତି ଧ୍ୟାନ ଦେବା ଏବଂ ପରୀକ୍ଷା କେନ୍ଦ୍ରରେ ବିଦ୍ୟୁତ୍ , ପଙ୍ଖା, ପାନୀୟଜଳ, ଛାତ୍ରଛାତ୍ରୀଙ୍କ ପାଇଁ ଅଲଗା ଅଲଗା ପରିଶ୍ରାଗାର, ସିସିଟିଭି ଆଦି ବ୍ୟବସ୍ଥା ରଖିବାକୁ ପରାମର୍ଶ ଦେଇଥିଲେ। ପରୀକ୍ଷା କେନ୍ଦ୍ରକୁ କୌଣସି ଶିକ୍ଷକ ମୋବାଇଲ ନେଇ ନ ଯିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ କୌଣସି ପରୀକ୍ଷା କେନ୍ଦ୍ରକୁ ପୂର୍ବରୁ ପ୍ରଶ୍ନପତ୍ର ନ ନେଇ ସକାଳ ୭ଟା୩୦ରୁ ୮ଟା ୩୦ ମଧ୍ୟରେ ନୋଡାଲ କେନ୍ଦ୍ରରୁ ସୁରକ୍ଷା ସହିତ ଯୋଗାଇ ଦେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଚଳିତବର୍ଷ ଜିଲାର ୭୭ଟି ବିଦ୍ୟାଳୟର ୬୪୮୦ ଛାତ୍ରୀଛାତ୍ର ୩୩ ଗୋଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବେ ବୋଲି ଜଣାପଡିଛି। ଜିଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର, ଗୋଷ୍ଠୀ ଶିକ୍ଷା ଅଧିକାରୀ କଣ୍ଟାମାଳ ସନୋଜ କୁମାର ସେଠୀ,ଗୋଷ୍ଠୀ ଶିକ୍ଷା ଅଧିକାରୀ ହରଭଙ୍ଗା ଅଜୟ କୁମାର ଲୁହା, ବୌଦ୍ଧ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କମଳାକାନ୍ତ ଦଳବେହେରା, ଜିଲା ମଙ୍ଗଳ ଅଧିକାରୀ ସୂର୍ଯ୍ୟ ନାରାୟଣ ବେହେରା,ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ସୌମ୍ୟରଞ୍ଜନ ରାୟ ଏବଂ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ୩୩ ଜଣ ପରୀକ୍ଷା କେନ୍ଦ୍ର ପରିଚାଳକ, ୩୩ ଜଣ ପରିଦର୍ଶକ, ୮ ଟି ଡେସପାଚ୍ ଟିମ୍‌ର ୧୬ଜଣ ଏହିପରି ସର୍ବମୋଟ ୮୨ ଜଣ ତାଲିମ ଗ୍ରହଣ କରିଥିଲେ। ଜାନକୀ ଭିକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ମେହେରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀମାନେ ସହଯୋଗ କରିଥିଲେ।



ପରୀକ୍ଷା ସୁପରିଚାଳନା ପାଇଁ ଜିଲାପାଳ ଅଧିକାରୀ ଓ ପ୍ରଧାନଶିକ୍ଷକ ମାନଙ୍କୁ ପରାମର୍ଶ ଦେଉଛନ୍ତି।

**ମାଟ୍ରିକ ପରୀକ୍ଷା ପାଇଁ ପ୍ରଧାନ ଶିକ୍ଷକଙ୍କ ଦିନିକିଆ ପ୍ରଶିକ୍ଷଣ**

# ଉଚ୍ଛେଦହେଲା ୩୪ ବର୍ଷର ବୁଢ଼ାରଜା ଡେଲି ମାର୍କେଟ

## ବିକଶିତ ହେବ ଅତ୍ୟାଧୁନିକ ମାଛ ବଜାର

ସମ୍ବଲପୁର,୧୪।୨(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୨୧ନମ୍ବର ୱାର୍ଡରେ ଥିବା ବୁଢାରଜା ଡେଲି ମାର୍କେଟକୁ ଶୁକ୍ରବାର ମହାନଗର ନିଗମ ପକ୍ଷରୁ ଉଚ୍ଛେଦ କରାଯାଇଛି। ମହାନଗର ନିଗମ ପକ୍ଷରୁ ଜର୍ମାନ ସରକାରଙ୍କ ସହଯୋଗରେ ୪୭ଲକ୍ଷ ଟଙ୍କା ବ୍ୟୟରେ ଡେଲି ମାର୍କେଟ ନିକଟରେ ଏକ ଅତ୍ୟାଧୁନିକ ମାଛ ବଜାର (ହାଇଜିନିକ ଫିସ ମାର୍କେଟ) ନିର୍ମାଣ କରାଯାଇଥିଲା। ହେଲେ ଉଦ୍‌ଘାଟନ ପୂର୍ବରୁ ସେଥିରେ ଲାଗିଥିବା ଅନେକ ଜିନିଷ ଚୋରି ହୋଇ ଯାଇଥିଲା। ତେଣୁ ତାହା ନିର୍ମାଣ ପରେ ବି କାର୍ଯ୍ୟକ୍ଷମ ହୋଇ ପାରି ନ ଥିଲା। ଆସନ୍ତା ୧୭ରେ ଏକ ଟିମ୍ ଏହି ଅତ୍ୟାଧୁନିକ ମାଛ ବଜାରକୁ ଅନୁଧ୍ୟାନ ପାଇଁ ଆସିବାର କାର୍ଯ୍ୟକ୍ରମ ରହିଛି। ତେଣୁ ଏହା ପୂର୍ବରୁ ଏହାର ସାମନାରେ ଅପରିଷ୍କାର ଅବସ୍ଥାରେ ରହିଥିବା ୨୪ଟି ଦୋକାନ ଘରକୁ ଉଚ୍ଛେଦ କରାଯାଇଛି। ଏଠାରେ ଖୁବଶୀଘ୍ର ରାସ୍ତା କଡରେ ବସୁଥିବା ମାଛ ଦୋକାନୀମାନଙ୍କୁ ଥଇଥାନ କରାଯିବା ନେଇ ମହାନଗର ନିଗମ ପକ୍ଷରୁ ସୂଚନା ମିଳିଛି। ପ୍ରଫେସର କଲୋନୀ ଭିତରେ ରହିଥିବା ଏହି ଡେଲି ମାର୍କେଟ ଉପରେ ଆଖପାଖ ଅଞ୍ଚଳର ଲୋକେ ପନିପରିବା ପାଇଁ ନିର୍ଭର କରିଆସୁଥିଲେ। ଓଭରବ୍ରିଜ ନିର୍ମାଣ ହେବା ପୂର୍ବରୁ ଫାଟକ ନିକଟରେ ଫାଟକ ହଟଲି ନାମରେ ଏହି ବଜାର ବସି ଆସୁଥିଲା। ତେବେ ୧୯୯୦ ବେଳକୁ ଫାଟକ ଓଭରବ୍ରିଜ ନିର୍ମାଣ ହେବା ସମୟରେ ଏହି ବଜାର ଖାଲି ପଡିଥିବା ପ୍ରଫେସର କଲୋନୀ ଅଞ୍ଚଳକୁ ସ୍ଥାନାନ୍ତରିତ ହୋଇଥିଲା। ସେହିଦିନଠାରୁ ଏହା ବୁଢାରଜା ଡେଲି ମାର୍କେଟ ନାମରେ ପରିଚିତ ରହିଥିଲା। ଏହି ପରିସରରେ ପ୍ରାୟ ୨ଏକର ୯୪ ଡେସିମିଲ ଟ୍ରଷ୍ଟଫଣ୍ଡ ଅଧିକାରରେ ରହିଛି। ଗଙ୍ଗାଧର ମେହେର ମହାବିଦ୍ୟାଳୟର ପ୍ରଫେସରମାନଙ୍କ କ୍ୱାର୍ଟର ରହିଥିବାରୁ ଏହାକୁ ଲୋକେ ପ୍ରଫେସର କଲୋନୀ ଭାବେ ଜାଣନ୍ତି। ମଝିରେ କରୋନା ସମୟରେ ଏହି ଡେଲି ମାର୍କେଟକୁ କିଛି ମାସ ପାଇଁ ବନ୍ଦ କରାଯାଇ ଶାନ୍ତିନଗର ନିକଟ ଭୀମ ଭୋଇ ପାର୍କ ଅଞ୍ଚଳକୁ ସ୍ଥାନାନ୍ତରିତ କରାଯାଇଥିଲା। ପୁଣି ଥରେ ପୁରୁଣା ପ୍ରଫେସର କଲୋନୀ ଅଞ୍ଚଳରେ ବଜାର ବସିଥିଲା। ମୁଖ୍ୟ ରାସ୍ତା କଡରେ ଏହି ବଜାର ରହିଥିବାରୁ ଲୋକଙ୍କ ପାଇଁ ଅନେକ ସୁବିଧା ମଧ୍ୟ ହେଉଥିଲା। ଏହି ସ୍ଥାନକୁ କିଛି ଦିନ ପୂର୍ବରୁ ଗଙ୍ଗାଧର ମେହେର କନିଷ୍ଠ ମହାବିଦ୍ୟାଳୟକୁ ପ୍ରଦାନ କରିବାକୁ ସମ୍ବଲପୁରର ବୁଦ୍ଧିଜୀବୀମାନେ ଦାବି କରିଥିଲେ। ତେବେ ମହାନଗର ନିଗମ ଏଠାରେ ସମ୍ବଲପୁର ପାଇଁ ଅତ୍ୟାଧୁନିକ ମାଛ ବଜାରକୁ ବିକଶିତ କରିବା ନେଇ ଯୋଜନା ରଖିଥିବା ଜଣାପଡିଛି।



ବୁଢ଼ାରଜା ପ୍ରଫେସର କଲୋନିସ୍ଥିତ ପରିବା ବଜାର ଉଚ୍ଛେଦ ଚାଲିଛି ।

# କବରାପାଲି ହେଲା ଅଟଳ ଗ୍ରାମ



କବରାପାଲିରେ ଆୟୋଜିତ ସାମାଜିକ ସୁରକ୍ଷା ଯୋଜନା ସମାବେଶରେ ମଞ୍ଚାସୀନ ଅତିଥି ବୃନ୍ଦ।

### ଗ୍ରାମରେ ଏସ୍‌ବିଆଇ ପକ୍ଷରୁ ସାମାଜିକ ସୁରକ୍ଷା ଯୋଜନା ସମାବେଶ

ସମ୍ବଲପୁର,୧୪।୨(ଭବାନୀ ଶଙ୍କର ଭୋଇ)

ଭାରତୀୟ ଷ୍ଟେଟବ୍ୟାଙ୍କ କ୍ଷେତ୍ରୀୟ କାର୍ଯ୍ୟାଳୟ ସମ୍ବଲପୁର ପକ୍ଷରୁ ଶୁକ୍ରବାର ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକର କବରାପାଲି ଗ୍ରାମକୁ ପୋଷ୍ୟଗ୍ରାମ ଭାବରେ ଗ୍ରହଣ କରାଯାଇଛି। ଏହି ଅବସରରେ କବରାପାଲି ଖେଳପଡିଆରେ ସାମାଜିକ ସୁରକ୍ଷା ଯୋଜନା ସମାବେଶ ଆୟୋଜନ କରାଯାଇ ଅଟଳ ଗ୍ରାମ ଭାବରେ ଘୋଷଣା କରାଯାଇଛି। ଏହି କାର୍ଯ୍ୟକ୍ରମରେ ଭାରତୀୟ ଷ୍ଟେଟବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ମହାପ୍ରବନ୍ଧକ ଦିନେଶ ପୃଥି ମୁଖ୍ୟ ଅତିଥି ଓ ଆରଡିସି ସଚିବ ରାମଚନ୍ଦ୍ର ଯାଦବ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ଷ୍ଟେଟବ୍ୟାଙ୍କ ସମ୍ବଲପୁର ଯୋନର ଉପ ମହାପ୍ରବନ୍ଧକ ସଞ୍ଜୟ କୁମାର ଝା, ସମ୍ବଲପୁର କ୍ଷେତ୍ରର କ୍ଷେତ୍ରୀୟ ପ୍ରବନ୍ଧକ ମାନସ ରଞ୍ଜନ ପ୍ରଧାନ, ପଡିଆବାହାଲ ଶାଖାର ପ୍ରବନ୍ଧକ ଅମ୍ରିତା ମିଶ୍ର, ଯୁଯୁମୁରା ବ୍ଲକ ଅଧ୍ୟକ୍ଷା ମମତା ନାୟକ, ଜିଲା ପରିଷଦ ସଭ୍ୟା କବିତା ସାହୁ, କବରାପାଲି ସରପଞ୍ଚ ଅନ୍ତର୍ଯ୍ୟାମୀ ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ଅଟଳ ପେନସନ ଯୋଜନାରେ କବରାପଲି ଗ୍ରାମର ଶତପ୍ରତିଶତ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯିବା ନେଇ ଲକ୍ଷ୍ୟ ରଖାଯାଇଛି। ଏହା ସହ ପିଏମ୍ ସୂର୍ଯ୍ୟ ଘର ମୁକ୍ତ ବିଜୁଳି ଯୋଜନାରେ ୧୦୦ ରୁ ଉର୍ଦ୍ଧ ଯୋଗ୍ୟ ହିତାଧିକାରୀଙ୍କୁ ଋଣ ପ୍ରଦାନ କରାଯିବ। କବରାପାଲି ଫୁଟବଲ ପଡିଆରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଭିନ୍ନ ସରକାରୀ ଯୋଜନା ବିଷୟରେ ଲୋକମାନଙ୍କୁ ଅବଗତ କରାଯିବା ସହ ଅନେକ ଲୋକଙ୍କୁ ଯୋଜନାଗୁଡିକରେ ଅନ୍ତର୍ଭୁକ୍ତ କରାଯାଇଥିଲା। ଏହି ଅବସରରେ ବିଶିଷ୍ଟ ଲୋକ ଗାୟିକା ପଦ୍ମିନୀ ଦୋରାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ସଂକ୍ଷେପରେ

### ପୁଲ୍‌ୱାମା ଶହୀଦଙ୍କୁ ଏନ୍‌ଏମ୍‌ଓର ଶ୍ରଦ୍ଧାଞ୍ଜଳି

ସମ୍ବଲପୁର,୧୪।୨(ପ୍ରମୋଦ ବହିଦାର)

ଜମ୍ମୁ ଓ କାଶ୍ମୀରର ପୁଲୱାମାଠାରେ ୨୦୧୯ ଫେବୃଆରୀ ୧୪ରେ ହୋଇଥିବା କୁତ୍ସିତ ଆକ୍ରମଣରେ ପ୍ରାଣ ହରାଇଥିବା କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳର ୪୦ ଜଣ ଶହୀଦ ଯବାନଙ୍କୁ ଜାତୀୟ ମେଡିକୋ ସଙ୍ଗଠନ(ଏନ୍‌ଏମ୍‌ଓ) ପଶ୍ଚିମ ଓଡ଼ିଶା ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଏନ୍‌ଏମ୍‌ଓ ପଶ୍ଚିମ ଓଡ଼ିଶା ଶାଖା ପକ୍ଷରୁ ଶୁକ୍ରବାର ପୂର୍ବାହ୍ନରେ ଭିମ୍‌ସାର ସେମିନାର ହଲ୍‌ରେ ଡା. ଗୋପେଶ୍ୱରୀ ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶହୀଦଙ୍କ ସମ୍ମାନାର୍ଥେ ପ୍ରଦୀପ ପ୍ରଜ୍ୱଳନ କରି ୨ ମିନିଟ୍ ନୀରବ ପ୍ରାର୍ଥନା ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ନିଜର ସଭାପତିତ୍ୱ ଅଭିଭାଷଣରେ ଡା. ହୋତା ଏନ୍‌ଏମ୍‌ଓ ସମାଜ ସେବା ସହିତ ଶହୀଦଙ୍କ ପରିବାରକୁ ଯଥା ସମ୍ଭବ ସହାୟତା କରିବା ପାଇଁ ଆହ୍ୱାନ ଦେଇଥିଲେ। ସେହିପରି ଏନ୍‌ଏମ୍‌ଓ ଶାଖାର ଡା. ସଞ୍ଜୀବ କୁମାର ମିଶ୍ର ନିଜ ବକ୍ତବ୍ୟ ରଖି ଦେଶର ସୁରକ୍ଷା ପାଇଁ ଉତ୍ସର୍ଗୀକୃତ ଯବାନଙ୍କ ବଳିଦାନ ଓ ଜାତୀୟ ଏକତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସାମୂହିକ ଜାତୀୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ବୈଠକକୁ ଏନ୍‌ଏମ୍‌ଓ ସଦସ୍ୟ ଡା. ସତ୍ୟସ୍ୱରୂପ ତ୍ରିପାଠୀ, ଡା. ଖିରୋଜ କୁମାର ଦୁର୍ଗା, ଡା. ସ୍ୱାଗତିକା ତ୍ରିପାଠୀ, ଡା. ମୃଣାଳିନୀ ସାଏ, ଡା. ଜ୍ୟୋତି ବେହେରା ପରିଚାଳନା କରିଥିଲେ।



ଭିମ୍‌ସାରରେ ଏନ୍‌ଏମ୍‌ଓ ପକ୍ଷରୁ ନୀରବ ପ୍ରାର୍ଥନା ପୂର୍ବକ ପୁଲୱାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

### ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା, ଯୁବକ ଗିରଫ

କୁଚିଣ୍ଡା,୧୪।୨(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା ବାମରା ବ୍ଲକ ଗୋବିନ୍ଦପୁର ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସମ୍ବଲପୁର ଜିଲା ଜମନକିରା ଥାନା ଦୁର୍ଗାଡିହିର ସଞ୍ଜୟ ସୁରିଙ୍ଗ(୨୭)।ପିଡିତାଙ୍କ ଲିଖିତ ଏତଲା କ୍ରମେ ପୋଲିସ ଗୋବିନ୍ଦପୁର ଥାନାରେ ଦଫା ୬୪(୨)(ଏମ)/୬୯ ବିଏନଏସ (ନଂ.୨୦/୨୫)ରେ ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ,ଗୋବିନ୍ଦପୁର ଥାନା ଅଞ୍ଚଳରେ ଜଣେ ୨୭ବର୍ଷିୟା ଯୁବତୀଙ୍କୁ ଅଭିଯୁକ୍ତ ସଞ୍ଜୟ ଭଲ ପାଇଥିଲେ। ବିବାହର ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ସହ ଦୀର୍ଘ ୬ବର୍ଷ ଧରି ଶାରିରିକ ସମ୍ପର୍କ ରଖିଥିଲେ। ବିବାହ ପାଇଁ ଅଭିଯୋଗକାରିଣୀ କହିବାରୁ ସଞ୍ଜୟ ମନା କରି ଗତ ଜାନୁଆରୀରୁ ସମ୍ପର୍କ ତୁଟାଇ ଦେଇଥିଲେ। ଶେଷରେ ପୀଡିତା ଜଣକ ଅନ୍ୟ ଉପାୟ ନ ପାଇ ଗୋବିନ୍ଦପୁର ଥାନାର ଦ୍ୱାରସ୍ଥ ହୋଇଥିବା ସେ ଥାନା ଏତଲାରେ ଦର୍ଶାଇଛନ୍ତି।



ଅଭିଯୁକ୍ତ ସଞ୍ଜୟ ସୋରେଙ୍ଗ।

# ଜିଲାର ଗାଡ଼ିକୁ ଟୋଲ୍ ଫ୍ରି କରିବା ଦାବି

ସମ୍ବଲପୁର,୧୪।୨(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଅନୁଗୋଳ ରାଷ୍ଟ୍ରୀୟ ରାଜପଥର ସମ୍ପ୍ରସାରଣ ପରେ ସମ୍ବଲପୁର ଉପକଣ୍ଠ ହାତୀବାରିଠାରେ ସ୍ଥାପିତ ଟୋଲ ଗେଟ ସମ୍ବଲପୁର ଜିଲାର ବାହନଗୁଡ଼ିକୁ ଦେୟମୁକ୍ତ କରିବା ପାଇଁ ଶୁକ୍ରବାର ସାମାଜିକ ସଙ୍ଗଠନ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଦାବି କରାଯାଇଛି। ମଞ୍ଚର ବରିଷ୍ଠ ସଦସ୍ୟ ସୂର୍ଯ୍ୟକାନ୍ତ ପାଣିଗ୍ରାହୀଙ୍କ ନେତୃତ୍ୱରେ ମଞ୍ଚର ଚାରି ଜଣିଆ ପ୍ରତିନିଧି ଦଳ ଶୁକ୍ରବାର ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର୍‌ଙ୍କୁ ସାକ୍ଷାତକରି ଦାବିପତ୍ର ପ୍ରଦାନ କରିଛନ୍ତି। ସମ୍ବଲପୁର ଜିଲାର ପଞ୍ଜୀକୃତ ଯାନବାହାନ ଓଆର୍ ୧୫, ଓଡି ୧୫ ସମେତ ଜିଲାର ସ୍ଥାୟୀ ବାସିନ୍ଦାଙ୍କ ଯାନବାହାନକୁ ଠିକଣା ପ୍ରମାଣପତ୍ରକୁ ଆଧାର କରି ହାତୀବାରି ଟୋଲ ଗେଟରେ ଦେୟମୁକ୍ତ କରିବା, ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଯାତାୟତ ସମୟରେ ଦୁର୍ଘଟଣାକୁ ଦୃଷ୍ଟିରେ ରଖି ଉଭୟ ପାର୍ଶ୍ୱରେ ସର୍ଭିସ ରୋଡ ନିର୍ମାଣ କରାଯିବାକୁ ଏଥିରେ ଦାବି କରାଯାଇଛି। ଏହାସହ ହାତୀବାରି ବଜାର ଓ ଫୁଲଝରନର ଶିକ୍ଷାନୁଷ୍ଠାନ ଅଞ୍ଚଳରେ ଭୂତଳ ମାର୍ଗ ଜରିଆରେ ସଂଯୋଗ କରାଯିବା ସହ ହାତୀବାରିରୁ ଫୁଲଝରନ ଯାଏଁ ଉଭୟ ପାର୍ଶ୍ୱରେ ଷ୍ଟ୍ରିଟ ଲାଇଟ ବ୍ୟବସ୍ଥା କରାଯିବାକୁ ଦାବି କରାଯାଇଛି। ମଞ୍ଚର ଉପଦେଷ୍ଟା ତଥା ବରିଷ୍ଠ ଆଇନଜିବୀ ଡ.ପ୍ରମୋଦ ରଥ, ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସିଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ଜିଲାପାଳଙ୍କ ସହିତ ସମସ୍ତ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ।



ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

### ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

## ଅବସରପ୍ରାପ୍ତ ହାଇସ୍କୁଲ ଶିକ୍ଷକଙ୍କ ପରଲୋକ

କୁଚିଣ୍ଡା,୧୪।୨(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁଲେଇଗଡ଼(କୁଡ଼ାପଡ଼ା)ର ଅବସରପ୍ରାପ୍ତ ହାଇସ୍କୁଲ ଶିକ୍ଷକ ତଥା ଅଞ୍ଚଳର ଜଣେ ଜଣାଶୁଣା ବ୍ୟକ୍ତିତ୍ୱ ନୃପଲାଲ ପଟେଲଙ୍କ ଶୁକ୍ରବାର ସାଢେ ୧୨ଟାରେ ୭୪ ବର୍ଷ ବୟସରେ ଦେହାନ୍ତ ହୋଇଛି। ସ୍ୱାସ୍ଥ୍ୟଜନିତ ସମସ୍ୟା ହେତୁ ଗତ ୭ରେ ତାଙ୍କୁ ବୁର୍ଲା ଭୀମସାର ମେଡିକାଲ କଲେଜ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ମୃତ୍ୟୁ ସମୟରେ ତାଙ୍କ ଏକମାତ୍ରପୁଅ ଓ ବୋହୂଙ୍କ ସହ ଦୁଇ ଝିଅ ତଥା ଜ୍ୱାଇଁମାନେ ଉପସ୍ଥିତ ଥିଲେ। ସନ୍ଧ୍ୟା ୭ଟାରେ କୁଡାପଡା ଗାଁ ମଶାଣିରେ ଅନ୍ତିମ ସତ୍କାର କରାଯାଇଛି। ପୁଅ ନିହାର ତାଙ୍କୁ ମୁଖାଗ୍ନି ଦେଇଥିଲେ। ସେ ୧୯୫୧ ଏପ୍ରିଲ ୧ରେ କୁଲେଇଗଡ (କୁଡାପଡା)ରେ ଜନ୍ମଗ୍ରହଣ କରିଥିଲେ। ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ପଟେଲଙ୍କ ମୃତ୍ୟୁରେ ଗଭୀର ଶୋକ ପ୍ରକାଶ କରି ତାଙ୍କର ଅମର ଆତ୍ମାର ସଦଗତି କାମନା କରିଛନ୍ତି।

# ସମ୍ବଲପୁର ଘରୋଇ ବସ୍ ମାଲିକ ସଂଘ ନିର୍ବାଚନ



ସଭାପତି ସରୋଜ କୁମାର ପାତ୍ର



ସାଧାରଣ ସମ୍ପାଦକ ସଞ୍ଜୀବ ନାଥଶର୍ମା

### ସରୋଜ ସଭାପତି ଓ ସଞ୍ଜୀବ ସାଧାରଣ ସମ୍ପାଦକ

ସମ୍ବଲପୁର,୧୪।୨(ପ୍ରମୋଦ ବହିଦାର)

ସମ୍ବଲପୁର ଘରୋଇ ବସ ମାଲିକ ସଂଘର ନୂତନ କମିଟି ପାଇଁ ନିର୍ବାଚନ ସମ୍ପନ୍ନ ହୋଇଛି। ଏଥିରେ ବର୍ଷ ୨୦୨୫-୨୬ ପାଇଁ ସରୋଜ କୁମାର ପାତ୍ର(ଜିତୁ) ସଭାପତି ଓ ସଞ୍ଜୀବ ନାଥଶର୍ମା ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ସମ୍ବଲପୁର ଘରୋଇ ବସ୍ ମାଲିକ ସଂଘର ଅନ୍ୟ କର୍ମକର୍ତ୍ତାଙ୍କ ମଧ୍ୟରେ ନୂତନ ଉପ-ସଭାପତି ଭାବେ ଅଜିତ କୁମାର ପତି, ଯୁଗ୍ମ ସମ୍ପାଦକ ଭାବେ ରାଜେନ୍ଦ୍ର କୁମାର ବେହେରା, କୋଷାଧ୍ୟକ୍ଷ ଭାବେ ତୁଷାରକାନ୍ତ ମିଶ୍ର ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଅନୁପ କୁମାର ନାଥ, ବେଦବ୍ୟାସ ପାଣିଗ୍ରାହୀ, ଦିଲୀପ କୁମାର ଦେବ୍‌ତା, ଦୁଲାଲ ଗୁରୁ, ପ୍ରଦୀପ କୁମାର କର, ପ୍ରମୋଦ ରଞ୍ଜନ ସାହୁ, ପ୍ରମୋଦ ମୁଦୁଲି ନିର୍ବାଚିତ ହୋଇଛନ୍ତି। ଅଇଁଠାପାଲିସ୍ଥିତ ନୂତନ ବସଷ୍ଟାଣ୍ଡ ପରିସରସ୍ଥ ଘରୋଇ ବସ ମାଲିକ ସଂଘର ନିଜସ୍ୱ କାର୍ଯ୍ୟାଳରେ ଶୁକ୍ରବାର ପୂର୍ବାହ୍ନ ସାଢ଼େ ୧୦ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହାବାଦ କିଛି ସମୟ ବିରତି ପରେ ଭୋଟ୍ ଗଣତି ଆରମ୍ଭ ହୋଇ ସନ୍ଧ୍ୟାରେ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଫଳାଫଳ ଘୋଷଣା କରାଯାଇଥିଲା। ବିଶ୍ୱନାଥ ପଣ୍ଡା ଓ ହେମନ୍ତ କୁମାର ପ୍ରଧାନ ନିର୍ବାଚନ ଅଧିକାରୀ ଭାବେ ନିର୍ବାଚନକୁ ପରିଚାଳନା କରିଥିଲେ।

## ରୋଜଗାର ମେଳା, ପରାମର୍ଶ ଶିବିର ପାଇଁ ପ୍ରସ୍ତୁତି ବୈଠକ



ପରାମର୍ଶ ଶିବିର ପ୍ରସ୍ତୁତି ବୈଠକରେ ଅଧିକାରୀମାନେ।

ସମ୍ବଲପୁର,୧୪।୨(ବି.ଶଙ୍କର)

ସମ୍ବଲପୁର ଜିଲା ପ୍ରଶାସନ ଆୟୋଜିତ ରୋଜଗାର ମେଳା ଏବଂ ପରାମର୍ଶ ଶିବିର ନିମନ୍ତେ ପ୍ରସ୍ତୁତି ବୈଠକ ଶୁକ୍ରବାର ଏସ୍‌ଏସଏ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଅଧ୍ୟକ୍ଷତା କରିଥିଲେ। ବୈଠକରେ ଜିଲାମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ଉପଜିଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡା, କୌଶଳ ଉନ୍ନୟନ ଏବଂ ନିଯୁକ୍ତି ଅଧିକାରୀ ଉପ ନିର୍ଦ୍ଦେଶକ ଶଙ୍କର ଚରଣ ମୁର୍ମୁଙ୍କ ସମେତ ପ୍ରମୁଖ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ । ଷ୍ଟଲ ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥା, ଅଗ୍ନିଶମ ସେବା, ଅନବରତ ବିଦ୍ୟୁତ ପ୍ରଦାନ, ଆଶ୍ରୟସ୍ଥଳି ପ୍ରଭୃତି ବିଷୟରେ ଆଲୋଚନା କରାଯାଇଥିଲା। ଆସନ୍ତା ମାର୍ଚ୍ଚ ୨୫ରେ ସମ୍ବଲପୁରରେ ରୋଜଗାର ମେଳା ଏବଂ ପରାମର୍ଶ ଶିବିର ଅନୁଷ୍ଠିତ ହେବ। ତେଣୁ ମେଳାର ସଫଳ ରୂପାୟନ କରିବା ପାଇଁ ସ୍ଥାନୀୟ ଉଦ୍ୟୋଗ ଏବଂ ଫ୍ୟାକ୍ଟରୀଗୁଡ଼ିକୁ ଅଂଶଗ୍ରହଣ କରିବାକୁ ଅନୁରୋଧ କରାଯାଇଛି। ଯାହାକି ଯୁବତୀଯୁବକଙ୍କ ପାଇଁ ଅନେକ ନୂତନ ନିଯୁକ୍ତି ପ୍ରଦାନ କରିବାର ସୁଯୋଗ ସୃଷ୍ଟି କରିବ। ମେଳାର ଠିକ ପରିଚାଳନା ଏବଂ ପ୍ରତ୍ୟେକ କାର୍ଯ୍ୟକ୍ରମକୁ ଶୃଙ୍ଖଳାବଦ୍ଧ ଭାବରେ ନିୟନ୍ତ୍ରଣ କରିବା ନିମନ୍ତେ ଜିଲାପାଳ ବୋନ୍ଦର ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୃହତ ମେଳାର ସଫଳ ଆୟୋଜନ ପାଇଁ, ଏକ କୋର କମିଟିର ଗଠନ କରାଯାଇଛି । ଯାହାର ଅଧ୍ୟକ୍ଷ ଜିଲା ପରିଷଦ ଜିଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ରହିବେ।

# ମହିଳା ସଚେତନ ହେଲେ ସୁସ୍ଥ ବାତାବରଣ ସୃଷ୍ଟିହେବ

କୁଚିଣ୍ଡା,୧୪।୨(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା କୁଚିଣ୍ଡା କଲେଜ ସମ୍ମିଳନୀ କକ୍ଷରେ ଶୁକ୍ରବାର କୁଚିଣ୍ଡା ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମହିଳା କମିଶନ ଆନୁକୂଲ୍ୟରେ ଜିଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଉପଜିଲାପାଳ ଗୌରବମୟ ପ୍ରଧାନ ମୁଖ୍ୟଅତିଥି, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହେମସାଗର ଭୋଇ, ଉପଖଣ୍ଡ ପୋଲିସ ଅଧିକାରୀ ଅମିତାଭ ପଣ୍ଡା, କୁଚିଣ୍ଡା କଲେଜ ଅଧକ୍ଷା ସୁଚିତ୍ରା ମିଶ୍ର, ବିଧାୟକ ପ୍ରତିନିଧି ବିଭୂତି କଲ୍ୟାଣ ପଟେଲ, ସମ୍ବଲପୁର ଜିଲା ସମାଜ ମଙ୍ଗଳ ଅଧିକାରିଣୀ ରେଣୁବାଳା ନନ୍ଦ, ଜିଲା ପ୍ରୋଗ୍ରାମ ଅଫିସର ପୂର୍ଣ୍ଣିମା ତ୍ରିପାଠୀ, କୁନ୍ତରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ଈଶ୍ୱର ମୁଣ୍ଡା, ସିଡିପିଓ ରାଜଶ୍ରୀ ପରିଡା, ବ୍ଲକ ମିଶନଶକ୍ତି ଫେଡେରେଶନ ସଭାନେତ୍ରୀ ରମିତା ଚୌଧୁରୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅତିଥିମାନେ ମହିଳା ସୁରକ୍ଷା ଆଇନ ଓ ମହିଳା ଅଧିକାର ଉପରେ ଆଲୋଚନା କରିଥିଲେ। ସେମାନେ କିଭଳି ଶାରିରୀକ, ମାନସିକ, ଅର୍ଥନୈତିକ, ସାମାଜିକ, ଯୌନ ଶୋଷଣ, ଯୌତୁକ ନିର୍ଯାତନାରୁ ମୁକ୍ତ ହୋଇ ଆଇନ ସହାୟତା ପାଇପାରିବେ ସେ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ଏହାଛଡା ମହିଳାମାନେ ସଚେତନ ହେଲେ ସମାଜରେ ଏକ ସୁସ୍ଥ ବାତାବରଣ ସୃଷ୍ଟି ହୋଇପାରିବ ବୋଲି ଗୁରୁତ୍ୱାରୋପ କରିଥିଲେ। ଜିଲା ସଂଯୋଜିକା ସୁନୀତା ତ୍ରିପାଠୀ ସଭାପରିଚାଳନା କରିଥିବାବେଳେ ଜିଲା ପୃଷ୍ଟି ସଂଯୋଜିକା ବିଚିତ୍ରାନନ୍ଦ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବ୍ଲକ ଅଧିନସ୍ଥ ସମସ୍ତ ପଞ୍ଚାୟତର ଅଙ୍ଗନୱାଡି କର୍ମୀ, ଏମ୍‌ବିକେ, ସିଆରପି, ଆଶା କର୍ମୀ, କୃଷି ମିତ୍ର, ବ୍ୟାଙ୍କ ମିତ୍ର, କଲେଜ ଛାତ୍ରୀମାନେ ଯୋଗ ଦେଇଥିଲେ। ଏହି ଅବସରରେ ଆଇନ ସଚେତନତା ଉପରେ ଆଧାରିତ ବିଭିନ୍ନ ନାଟକ ପ୍ରଦର୍ଶନ କରାଯାଇଥିଲା।




ଉପଜିଲାପାଳ ଗୌରବମୟ ପ୍ରଧାନଙ୍କ ସହ ଅନ୍ୟ ଅତିଥିମାନେ।

### କୁଚିଣ୍ଡାରେ ଆଇନ ସଚେତନତା ଶିବିର

